## ସଂକ୍ଷେପରେ

### ୨ ବାଇକ୍ ମୁହାଁମୁହିଁ ଜଣେ ମୃତ, ୩ ଗୁରୁତର

ଛେଣ୍ଡିପଦା,୨୩।୨(ସ୍ୱ.ପ୍ର.)- ଅନୁଗୋଳ ଜିଲା ଜରପଡା ଥାନା ୫୫ନଂ. ଜାତୀୟ ରାଜପଥର କଞ୍ଚରା ବଙ୍ଗଳା ଛକ ନିକଟରେ ୨ ବାଇକ୍ ମଧରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଜଣେ ଚାଳକଙ୍କ ମୃତ୍ୟୁ ହୋଇଥିବାବେଳେ ୩ ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଅମାନ୍ତପୁର ଗ୍ରାମର ଭଜମନ ନାଏକ। ପୋଲିସ କହିଛି, ଅପରାହ୍ନ ୫ଟାରେ କଞ୍ଚରା ବଙ୍ଗଳା ଛକ ନିକଟରେ ୨ ବାଇକ୍ ମଧରେ ଧକ୍କା ହୋଇଥିଲା। ଘଟଣାସ୍ଥଳରେ ଭଜମନଙ୍କ ମୃତ୍ୟୁ ହୋଇଥିବାବେଳେ ୩ଜଣ ଗୁରୁତର ହୋଇଥିଲେ। ସେମାନଙ୍କ ମଧରୁ ୨ ଜଣଙ୍କୁ କଟକ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟ ଜଣଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରଙ୍କ ପରିଚୟ ମିଳିପାରି ନାହିଁ। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରି ଘଟଣାର ତଦନ୍ତ ଚଳାଇଛି। ଉକ୍ତ ସମୟରେ ଯାତାୟାତ କରୁଥିବା ୩ ଟ୍ରକକୁ ଅଟକ ରଖି ତଦନ୍ତ ଜାରି ରହିଥିବା ଜରପଡା ଥାନା ଏସ୍‌ଆଇ ଆଶିଷ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

### ମହିଳାଙ୍କୁ ମାଡ଼ ଅଭିଯୋଗ

ବଇଣ୍ଡା,୨୩।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ହଣ୍ଡପା ଥାନା ଗଡିକୃଷ୍ଣପୁର ଗ୍ରାମର ସୀତା ପ୍ରଧାନ ଓ ମଞ୍ଜୁଳା ନାୟକଙ୍କୁ ସରପଞ୍ଚ ପ୍ରମୋଦିନୀ ନାୟକ, ରଞ୍ଜନ ନାୟକ, ରତନ ନାୟକ, ତରୁଣ ନାୟକ, ରବି ନାୟକ, ଗୋକୁଳାନନ୍ଦ ସାହୁ, ସରୋଜ ସାହୁ ମାଡ଼ ମାରିବା ସହ ଗାଳିଗୁଲଜ କରିଥିବା ହଣ୍ଡପା ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୮/୧୯ରେ ଏକ ମାମଲା ରୁଜୁ କରିଛି। ପୋଲିସ କହିଛି, ଗ୍ରାମରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଜାଗା ଚିହ୍ନଟ କରାଯାଉଥିବାବେଳେ ଏହାକୁ କେନ୍ଦ୍ର କରି ତାଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।

### ୬ ବଖରା ଜଳିଗଲା

ବଇଣ୍ଡା,୨୩।୨(ଡି.ଏନ.ଏ.)- କିଶୋରନଗର ବ୍ଲକ ନାକିଚି ପଞ୍ଚାୟତ ଟକବା ଗ୍ରାମରେ ରବିବାର ଅଗ୍ନିକାଣ୍ଡ ଘଟି ନାଥ ଦେହୁରୀ, ଜୟଦେବ ଦେହୁରୀଙ୍କ ୬ ବଖରା ଜଳିଯାଇଛି। ଅଗ୍ନିକାଣ୍ଡର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ରୋଷେଇ ନିଆଁରୁ ନିଆଁ ଲାଗିଥିବା ଅଗ୍ନିଶମ ବିଭାଗ ସନ୍ଦେହ କରୁଛି। ଏଥିରେ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ଜଳିଯାଇଥିବାବେଳେ ବାମୁର ଅଗ୍ନିଶମ କର୍ମଚାରୀ ନିଆଁକୁ ଆୟତ୍ତ କରିଥିଲେ। ତୁରନ୍ତ କ୍ଷତିଗ୍ରସ୍ତ ପରିବାରଙ୍କୁ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହୋଇଛି।

# ଭାରତ ବନ୍ଦ ପ୍ରଭାବଶୂନ୍ୟ



ଅନୁଗୋଳରେ ଭୀମ ଆର୍ମି ପକ୍ଷରୁ ଆନ୍ଦୋଳନ କରାଯାଉଛି।

### ଆନ୍ଦୋଳନ ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

**ଅନୁଗୋଳ ଅଫିସ/ ପାଲଲହଡ଼ା/ ବଆଁରପାଳ/ଆଠମଲ୍ଲିକ/ ତାଳଚେର, ୨୩।୨**

ଭୀମ ଆର୍ମି ପକ୍ଷରୁ ରବିବାର ଦିଆଯାଇଥିବା ଭାରତ ବନ୍ଦ ଡାକରା ଅନୁଗୋଳରେ ପ୍ରଭାବଶୂନ୍ୟ ରହିଛି। ମୋଟାମୋଟି ଭାବେ ଆନ୍ଦୋଳନ ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବାବେଳେ କୌଣସି ସ୍ଥାନରେ କିଛି ବି ଅପ୍ରୀତିକର ପରିସ୍ଥିତି ଦେଖିବାକୁ ମିଳି ନ ଥିଲା। ତଥାପି ଆଇନ ଶୃଙ୍ଖଳାକୁ ଲକ୍ଷ୍ୟ କରି ଜିଲା ପୋଲିସ ପକ୍ଷରୁ ବିଭିନ୍ନ ଛକରେ ଫୋର୍ସ ମୁତୟନ କରାଯାଇଥିଲା।

ସଂରକ୍ଷଣ ବିରୋଧରେ ସର୍ବୋଚ୍ଚ ନ୍ୟାୟାଳୟଙ୍କ ରାୟ ଓ କେନ୍ଦ୍ର ସରକାରଙ୍କ ଏନ୍‌ଆର୍‌ସି, ଏନ୍‌ପିଆର୍, ସିଏଏ ବିରୋଧରେ ଦିଆଯାଇଥିବା ଏହି ବନ୍ଦ ପାଳନ ବେଳେ ଆନ୍ଦୋଳନକାରୀମାନେ ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବାକୁ ଯାଇଥିଲେ। ତେବେ ଜିଲାପାଳଙ୍କ ଅନୁପସ୍ଥିତିରେ ଡେପୁଟି କଲେକ୍ଟର ପତିତପାବନ ଦେବତା ଏହି ଦାବିପତ୍ର ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ରାସ୍ତାରୋକୋ କରିଥିବାରୁ ଅନୁଗୋଳ ପୋଲିସ ଆନ୍ଦୋଳନକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛି। ଅନୁଗୋଳ ହୁଲୁରିସିଂହା ଛକଠାରେ ଜିଲା ଆବାହକ ପ୍ରଦ୍ୟୁମ୍ନ କୁମାର ନାଏକ, ସଭାପତି ପଞ୍ଚାନନ ନାଏକ ଓ ଆମ୍ବେଡକର ଫାଉଣ୍ଡେଶନର ଅନ୍ୟ ସମସ୍ତ ସଦସ୍ୟ ଆନ୍ଦୋଳନରେ ଯୋଗ ଦେଇଥିଲେ। ଏହାପରେ ଆନ୍ଦୋଳନକାରୀ ସହର ପରିକ୍ରମା କରିବା ସହ ରାସ୍ତାରୋକୋ କରିବାକୁ ଉଦ୍ୟମ କରିଥିଲେ। ଏହି ଆନ୍ଦୋଳନରେ ସାଧାରଣ ସମ୍ପାଦକ ପ୍ରହଲ୍ଲାଦ ନାଏକ ଓ କୁମୁଦ ନାଏକଙ୍କ ସମେତ ଗୋପବନ୍ଧୁ ନାଏକ, ସିଙ୍କୁ ନାଏକ, ଉତ୍ତମ ନାଏକ,


ଆଠମଲ୍ଲିକ ସହରରେ ଦୋକାନ ବଜାର ବନ୍ଦ ରହିଛି।

ରୋହିତ ନାଏକ, ଶଙ୍କର ନାଏକ, ମୁକୁ ମୁଖୀ, କୁମୁଦ ନାଏକ, ସତ୍ୟଜିତ ମୁଖି, ମଣ୍ଟୁ ନାଏକ, ଆଲୋକ ନାଏକ, ଗଜାନନ ନାଏକ, ମାହିଲ ନାଏକ, ଆକାଶ ମୁଖୀ, ଅନୁ କୁମାର, ଭଜନ ନାଏକଙ୍କ ସମେତ ଅନ୍ୟ ସଦସ୍ୟମାନେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ପାଲଲହଡ଼ାରେ ଏହି ବନ୍ଦ ଡାକରାକୁ ସମର୍ଥନ କରି ପାଲଲହଡ଼ା ଆଦିବାସୀ ମଞ୍ଚ ସଭାପତି ଲକ୍ଷ୍ମଣ ହେମ୍ବ୍ରମଙ୍କ ନେତୃତ୍ୱରେ ବହୁ କର୍ମୀ ନୂତନ ବାଇପାସ ଛକଠାରେ ସକାଳ ୭ଟାରୁ ଜାତୀୟ ରାଜପଥ ୧୪୯ ଅବରୋଧ କରିଥିଲେ। ବନ୍ଦ ସମୟରେ କିଛି ସମୟ ପାଇଁ ଉତ୍ତେଜନା ଦେଖାଦେଇଥିଲା। ପୋଲିସ ପହଞ୍ଚି ପରିସ୍ଥିତିକୁ ଶାନ୍ତ କରାଇଥିଲା। ମାଜିଷ୍ଟ୍ରେଟ ବୁସିୟସ ଡୁଙ୍ଗଡୁଙ୍ଗ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଦିନ ୧୧ଟାରେ ରାସ୍ତା ଅବରୋଧ ହଟିଥିଲା। ବଆଁରପାଳ ଛକଠାରେ ସାମାଜିକକର୍ମୀ ଗୋପାଳ ନାଏକଙ୍କ ନେତୃତ୍ୱରେ ୫୫ ନମ୍ବର ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ବଆଁରପାଳ ସରପଞ୍ଚ ଫକୀର ନାୟକ, ନିର୍ମଳ ନାୟକ, ଦୁଃଶାସନ ନାୟକ, ଦିଲୀପ ନାୟକ, ଧର ନାୟକ, ଟୁଟୁ ନାୟକ ପ୍ରମୁଖ ଉପସ୍ଥିତ ଉପସ୍ଥିତ ଥିଲେ। ଆଠମଲ୍ଲିକରେ ମଧ୍ୟ ବନ୍ଦର ପ୍ରଭାବ ଦେଖିବାକୁ ମିଳିଥିଲା। ସହରର ଗାନ୍ଧୀ ଛକ, ଉପଜିଲ୍ଲାପାଳ ଅଫିସ୍ ସମ୍ମୁଖ, ବସ୍‌ଷ୍ଟାଣ୍ଡ ଛକ ରେ ଆନ୍ଦୋଳନକାରୀ ଟାୟାର ଜାଳି ପ୍ରତିବାଦ କରିଥିଲେ। ଅନ୍ୟପକ୍ଷରେ ଏକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର କିଛି ଯୁବକ ଛାତ୍ରୀ ତଥା ଯୁବତୀଙ୍କୁ କମେଣ୍ଟ, ଅସଦବ୍ୟବହାର କରୁଥିବା ଅଭିଯୋଗରେ ମଧ ସହରରେ ବନ୍ଦ ପାଳନ କରାଯାଇଥିଲା। ସେହିପରି ଭାରତ ବନ୍ଦ ଡାକରାର ପ୍ରଭାବ ତାଳଚେର ଅଞ୍ଚଳରେ ଦେଖିବାକୁ ମିଳିନାହିଁ। କେତେକ ସଙ୍ଗଠନ ସକାଳେ କୋଇଲା ଖଣି ଓ ରେଳଲାଇନରେ ନାଲିପତାକା ଲଗାଇ ଦେଇଥିଲେ। ଖବରପାଇ ପୋଲିସ ପହଞ୍ଚି ଖଣି କାର୍ଯ୍ୟ ଓ କୋଇଲା ପରିବହନକୁ ସଙ୍ଗେ ସଙ୍ଗେ ସ୍ୱାଭାବିକ କରିଥିଲା। ଏଥିସହ ଦୋକାନ ବଜାର ଓ ଗାଡ଼ିଚଳାଚଳ ସ୍ୱାଭାବିକ ରହିଥିଲା।


ବନ୍ଦ ପାଳନ ଯୋଗୁ ଅନୁଗୋଳ ବସ୍‌ଷ୍ଟାଣ୍ଡରେ ଗହଳି କମିଛି।

# ଲାଇଟପୋଷ୍ଟ ଉଦ୍‌ଘାଟିତ


କାର୍ଯ୍ୟକ୍ରମରେ ବିଧାୟକଙ୍କ ସମେତ ଅନ୍ୟ କାର୍ଯ୍ୟକର୍ତ୍ତାମାନେ।

**ବନ୍ତଲା,୨୩।୨(ଡି.ଏନ.ଏ.)**

ଅନୁଗୋଳ ଜିଲା ବନ୍ତଲା ଥାନା ଶଙ୍ଖପୁର ଗ୍ରାମ ଛକରେ ଥିବା ନୂତନ ଲାଇଟପୋଷ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପରେ ବନ୍ତଲା କଲେଜର ପୂର୍ବତନ ଅଧକ୍ଷ ଅଭୟ ଦେହୁରୀଙ୍କ ପୁତ୍ର ଚନ୍ଦନ (ବିକି)ଙ୍କ ଅକାଳ ବିୟୋଗ ନେଇ ତାଙ୍କ ଘରକୁ ଯାଇ ସମବେଦନା ଜଣାଇଥିଲେ। ଏହି ଅବସରରେ ବିଧାୟକଙ୍କ ସହିତ ଜିଲା ବିଜେଡି ସଭାପତି ମହେନ୍ଦ୍ର ବସ୍ତିଆ, ଯୁବନେତା ଅରୁନାଭ ସିଂ, ପୂର୍ବତନ ଜିଲାପରିଷଦ ସଭ୍ୟ ଭାଗୀରଥି ମାଝି, ବ୍ଲକ ବିଜେଡି ସଭାପତି ଦୁର୍ଗାଚରଣ ପ୍ରଧାନ, ପ୍ରଫୁଲ୍ଲ କୁମାର ଦାସ, ବ୍ଲକ ଯୁବ ବିଜେଡି ସଭାପତି ସରୋଜ ସାହୁ, ନରେଶ ଦେହୁରୀ, ନାରାୟଣ ସାହୁ, ସ୍ୱରୂପ ସିଂ, ଆର୍‌ଏମ୍‌ସି ସଭାପତି ବାଉରୀ ବନ୍ଧୁ ମହାପାତ୍ର, ପ୍ରଶାନ୍ତ ପ୍ରଧାନ, ସୁଶାନ୍ତ ମାଝୀ, ଅଜିତ ପ୍ରଧାନ, ସୁଜିତ ଗାଆଣଙ୍କ ସମେତ ବହୁ କର୍ମୀ ଯୋଗ ଦେଇଥିଲେ।

# କଇଁଛପଦାରେ ସ୍ୱାସ୍ଥ୍ୟ ଶିବିର


ସ୍ୱାସ୍ଥ୍ୟ ଶିବିରରେ ଚିକିତ୍ସକ ଦଳ, ସଙ୍ଗଠନର କର୍ମକର୍ତ୍ତାମାନେ।

**ଅନୁଗୋଳ ଅଫିସ/ଛେଣ୍ଡିପଦା, ୨୩।୨**

ଅନୁଗୋଳ ଜିଲା ଛେଣ୍ଡିପଦା କଇଁଛପଦା ଗ୍ରାମ ସଭାଘରେ ରବିବାର ଅନୁଗୋଳ ଜିଲା ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ଓ ଅଖିଳ ଭାରତୀୟ ଦନ୍ତ ଚିକିତ୍ସକ ସଂଘ, ଆୟୁର୍ବେଦ ଚିକିତ୍ସକଙ୍କ ଦ୍ୱାରା ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନ ଉପସଭାପତି ଶରତ ଚନ୍ଦ୍ର ମିଶ୍ର ଓ ବାମଟିକିରା ଉନ୍ନୟନ ପରିଷଦ ସଭାପତି ସନ୍ତୋଷ କୁମାର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଅନୁଗୋଳର ଦାନ୍ତ ଡାକ୍ତର ଶଶାଙ୍କ ଶେଖର ସାହୁ, ଜନ୍ କୁଜୁର, ଆଶିଷ ରାଉତ ଓ ଆୟୁର୍ବେଦିକ ଡାକ୍ତର ଦୀପକ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ୫ ଶହ ଲୋକଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଶ୍ୱ ମାନବାଧିକାର ସୁରକ୍ଷା ସଙ୍ଗଠନର ଅନୁଗୋଳ ଜିଲା ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଅର୍ଜୁନ କୁମାର ମୁଦୁଲି ଶିବିର ପରିଚାଳନା କରିଥିଲେ। ପ୍ରାଧ୍ୟାପକ ବିଭୂତି ଭୂଷଣ ମହାପାତ୍ର, ଅଶୋକ କୁମାର ଜେନା, ପ୍ରଶାନ୍ତ କୁମାର ରଥ, ଅରବିନ୍ଦ ସାହୁ, ବେନଜୀର ଷଡ଼ଙ୍ଗୀ, କୃତ୍ତିବାସ ଭୂତିଆ, ରୀତାଞ୍ଜଳି ନନ୍ଦ, ଜିତେନ୍ଦ୍ର କୁମାର ବିଶ୍ୱାଳ, ସୁବିନୟ ମହାପାତ୍ର, ଲଲାଟେନ୍ଦୁ ମହାରଣା, ତପନ କୁମାର ନାୟକ, ସରୋଜ କୁମାର ସାମଲ, ସତ୍ୟନାରାୟଣ ସାହୁ, ଅଭିଜିତ ସାହୁ, କୃଷ୍ଣଚନ୍ଦ୍ର ବେହେରା, ପିଙ୍କୁ ସାହୁ, ଚନ୍ଦ୍ରଶେଖର ସାହୁ, ରାଜୀବ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ଭାଜପାର ସାଙ୍ଗଠନିକ ବୈଠକ


ବୈଠକରେ ଭାଜପା କର୍ମକର୍ତ୍ତାମାନେ।

**ବଇଣ୍ଡା,୨୩।୨(ଡି.ଏନ.ଏ.)**

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଗ୍ରାମରେ ଶନିବାର ଭାଜପାର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଠାକୁରଗଡ଼ ମଣ୍ଡଳ ସଭାପତି ସୁଜିତ ଦେହୁରି ଏଥିରେ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଭାଜପା ନେତା ଭାଗୀରଥି ପ୍ରଧାନ, ଅଏଡ଼ା ମଣ୍ଡଳ ସଭାପତି ଅଜିତ କୁମାର ପ୍ରଧାନ, ଠାକୁରଗଡ଼ ମଣ୍ଡଳ ପ୍ରଭାରୀ ଅରବିନ୍ଦ ସାହୁ, ଚୈତନ୍ୟ ସାହୁ, ଅର୍ଜୁନ ସାହୁଙ୍କ ସମେତ ବହୁ ଭାଜପା କର୍ମୀ ଯୋଗ ଦେଇଥିଲେ। ଏଥିରେ ଭାଜପାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରାଯିବା ସହ ଦଳକୁ ତୃଣମୂଳସ୍ତରରୁ ସୁଦୃଢ କରିବାକୁ କାମ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

# ଅନୁଗୋଳକୁ ହରାଇ ନୂଆପଡ଼ା ଚାମ୍ପିୟନ

### ସର୍ବଭାରତୀୟ ହେମସୁରପଡ଼ା କପ୍ ଫୁଟବଲ


ଅତିଥିଙ୍କ ସହ ଚାମ୍ପିୟନ ଦଳ।

**ଅନୁଗୋଳ ଅଫିସ, ୨୩।୨**

ଅନୁଗୋଳ ଟାଉନ ହାଇସ୍କୁଲ ପଡ଼ିଆରେ ପ୍ରିନ୍ସ ଆଣ୍ଡ ପ୍ରିନ୍ସ କ୍ଲବ ଦ୍ୱାରା ଆୟୋଜିତ ହେମସୁରପଡ଼ା ଫୁଟବଲ କପ୍‌ର ଫାଇନାଲ ମ୍ୟାଚ ଅନୁଗୋଳ ମା ବୁଢ଼ୀ କ୍ଲବ ଓ ନୂଆପଡ଼ାର ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଦଳ ଏକ ତରଫା ଭାବେ ୫-୦ ଗୋଲ କରି ଚାମ୍ପିୟନ ହୋଇଛି। ନୂଆପଡ଼ା ଦଳ ମ୍ୟାଚ ଆରମ୍ଭରୁ ନିଜର ପ୍ରାଧାନ୍ୟ ବିସ୍ତାର କରିଥିବାବେଳେ ଦଳର ଖେଳାଳି ପିଟର ଅନୁଗୋଳ ଉପରେ ଭାରି ପଡ଼ିଥିଲେ। ପିଟର ୨୪ ମିନିଟ୍, ୩୦ ମିନିଟ୍ ଓ ୪୦ ମିନିଟ୍‌ରେ ହ୍ୟାଟ୍ରିକ ଗୋଲ କରି ଦଳକୁ ୩-୦ରେ ଆଗୁଆ ରଖିଥିଲେ। ସେହିପରି ନୂଆପଡ଼ାର ସୋନୁ ହାରା ଖେଳର ୭୫ ମିନିଟ୍ ଓ ରାଜୁ ୮୫ ମିନିଟ୍‌ରେ ଗୋଲ କରି ଦଳକୁ ୫-୦ରେ ଆଗୁଆ ରଖିଥିଲେ। ଅନୁଗୋଳ ଦଳ କୌଣସି ଗୋଲ କରି ନ ପାରି ପରାଜିତ ହୋଇଥିଲା।

ଫାଇନାଲ ମ୍ୟାଚରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତାପ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ସତ୍ୟାନନ୍ଦ ଦଳବେହେରା, ଅନୁଗୋଳ ବ୍ଲକ ଚେୟାରମ୍ୟାନ ନିରଞ୍ଜନ ଦେହୁରୀ, ସାମାଜିକ କର୍ମୀ ବସନ୍ତ ସ୍ୱାଇଁ, ଖେଳ ପ୍ରଶିକ୍ଷକ ସାଗରନାଥ ମିଶ୍ର, ପୁରୁଣା ଖେଳାଳି ମାୟାଧର ମିଶ୍ର, ବସ୍ ଓନର ଆସୋସିଏଶନ୍‌ର ସଭାପତି ମାନସ ରଞ୍ଜନ ସାମଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଜୟୀ ଦଳକୁ ୨୫ ହଜାର ଟଙ୍କା ସହ ଟ୍ରଫି ଓ ରନର୍ସଅପ୍ ଦଳକୁ ୧୫ ହଜାର ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ବେଷ୍ଟ ଗୋଲ କିପର ମା’ ବୁଢ଼ୀ ଦଳର ସୁନୀଲ ବାଘଙ୍କୁ ଏବଂ ଶ୍ରେଷ୍ଠ ଖେଳାଳି ଭାବେ ନୂଆପଡ଼ାର ପିଟରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଅନୁଷ୍ଠାନ ପକ୍ଷରୁ ଲଟ୍ରି ଉଠାଣର କାର୍ଯ୍ୟକ୍ରମ ହୋଇଥିଲା। ଏହି ସଭା କାର୍ଯ୍ୟକୁ ବଳରାମ ଜେନା ପରିଚାଳନା କରିଥିଲେ। ଶାନ୍ତନୁ କୁମାର ସ୍ୱାଇଁ କ୍ଲବର ବିବରଣୀ ପାଠ କରିଥିଲେ। ଶେଷରେ କ୍ଲବର ଉପସଭାପତି ରଶ୍ମିରଞ୍ଜନ ସାମଲ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଚନ୍ଦନ କୁମାର ଦେହୁରୀ (ବିକି)
ଆବିର୍ଭାବ-୧୮।୦୧।୧୯୮୩
ତିରୋଧାନ-୧୫।୦୨।୨୦୨୦ ସନ୍ଧ୍ୟା ୬.୪୦ ମିନିଟ୍
ଅନୁଗୋଳ ଜିଲ୍ଲା ବନ୍ତଳା ଥାନା ଶଙ୍ଖପୁର ଗ୍ରାମର ପୂର୍ବତନ ସରପଞ୍ଚ ତଥା ଅବିଭକ୍ତ ଢେଙ୍କାନାଳ-ଅନୁଗୋଳ ଜିଲ୍ଲାର ‘ଏ କ୍ଲାସ’ କଣ୍ଟ୍ରାକ୍ଟର ଓ ଜଣେ ପ୍ରତିଷ୍ଠିତ ବ୍ୟକ୍ତି ସ୍ୱର୍ଗତ ନିଶାନାଥ ଦେହୁରୀଙ୍କ ନାତି ତଥା ବନ୍ତଳା ଶ୍ରୀ ଚନ୍ଦ୍ରଶେଖର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ଛାତ୍ର ବତ୍ସଳ ଶ୍ରୀଯୁକ୍ତ ଅଭୟ କୁମାର ଦେହୁରୀଙ୍କ ଏକମାତ୍ର ପୁତ୍ର ଏବଂ ଅନୁଗୋଳ ବ୍ଲକ କଂଗ୍ରେସ ସଭାପତି ତଥା ତଳଗଡ ଗ୍ରାମପଞ୍ଚାୟତର ୨ଥର ସରପଞ୍ଚ ଶ୍ରୀଯୁକ୍ତ ମୋହନ ସାହୁଙ୍କ ଏକମାତ୍ର ଜ୍ୱାଇଁ ଚନ୍ଦନ(ବିକି) ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଯାଇଛନ୍ତି।
ପ୍ରଭୁ ଜଗନ୍ନାଥ, ମଦନମୋହନ, ମା’ ବସୁନ୍ଧରୀ, ମା’ କନକ ଦୁର୍ଗା, ମା’ କଳାପାଟଙ୍କ ନିକଟରେ ନିବେଦନ ତୁମ ଆତ୍ମାର ସଦ୍‌ଗତି କରନ୍ତୁ। ତୁମର ହତଭାଗିନୀ ସ୍ତ୍ରୀ ସସ୍ମିତା ଦେହୁରୀ (୩୨), ଝିଅ କାବ୍ୟଶ୍ରୀ ଦେହୁରୀ (ରୋମି) ୨ ବର୍ଷ ୧୦ ମାସ, ମା ବିନୋଦିନୀ ଦେହୁରୀ, ଭଉଣୀ ଲିପି ଦେହୁରୀ, ଜ୍ୱାଇଁ ପ୍ରଦୀପ କୁମାର ଦେହୁରୀ, ଦଦା କ୍ଷୀରୋଦ ଦେହୁରୀ, ବଡବାପା ବିନୋଦ ବିହାରୀ ଦେହୁରୀ, ଅକ୍ଷୟ ଦେହୁରୀଙ୍କ ପରିବାରବର୍ଗ, ସ୍ୱର୍ଗତ ବିଜୟ ଦେହୁରୀଙ୍କ ପରିବାରବର୍ଗ, ତୁମର ନାନି ରୁବି ଦେହୁରୀ, ଭାଇ ସୀତାନାଥ ଦେହୁରୀ, ସିଲୁ ଦେହୁରୀ, ଭିଣୋଇ ପ୍ରଦୀପ ପ୍ରଧାନ, ନାନୀ ରିଙ୍କୁ ଓ ପିଙ୍କନ ଦେହୁରୀଙ୍କ ସମେତ ସମସ୍ତ ଦେହୁରୀ ବନ୍ଧୁ ଓ ପରିବାରବର୍ଗ।
ଦଶାହ- ସୋମବାର, ଏକାଦଶାହ- ମଙ୍ଗଳବାର

# ବିଦ୍ୟୁତ୍ ଦୁର୍ଘଟଣାରେ ଗୁରୁତର ଫୋରମ୍ୟାନ୍ ମୃତ

**ଓଡାପଡା,୨୩।୨(ଡି.ଏନ.ଏ)**

■ବିଆର୍‌ଜିରେ ବୁଧବାର ଘଟିଥିଲା ଘଟଣା
■ଦୁଇ ବରିଷ୍ଠ ଅଧିକାରୀ ଅନୁଗୋଳରେ ଚିକିତ୍ସାଧୀନ
■ସୁରକ୍ଷା ନେଇ ହେଉନାହିଁ ନିୟମିତ ଯାଞ୍ଚ

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ କୁରୁଣ୍ଟିଠାରେ ଥିବା ବିଆର୍‌ଜି ଆଇରନ ଆଣ୍ଡ୍ ଷ୍ଟିଲ କମ୍ପାନୀ ପରିସରରେ ବୁଧବାର ବିଦ୍ୟୁତ୍ ଦୁର୍ଘଟଣାରେ ଗୁରୁତର ହୋଇଥିବା ୩ଜଣଙ୍କ ମଧ୍ୟରୁ ରବିବାର ଟି. ସିଲଭମ୍(୫୨) ନାମକ ଫୋରମ୍ୟାନଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଅନ୍ୟ ଦୁଇ ଅଧିକାରୀ ଏବେ ଅନୁଗୋଳରେ ଚିକିତ୍ସାଧୀନ ଅଛନ୍ତି। ଏ ନେଇ କାରଖାନା ପରିସରରେ ପ୍ରବଳ ଉତ୍ତେଜନା ଲାଗି ରହିଛି।

ପ୍ରକାଶ ଯେ, ବୁଧବାର କମ୍ପାନୀର ଏସ୍ଏମ୍ଏସ୍ ଅଞ୍ଚଳରେ ଥିବା ସବ୍‌ଷ୍ଟେଶନ ନିକଟରେ ଟି. ସିଲଭମ୍ କାର୍ଯ୍ୟ କରୁଥିଲେ। କମ୍ପାନୀ ବିଦ୍ୟୁତ ବିଭାଗର ମହାପ୍ରବନ୍ଧକ ବିଜୟ କୁମାର ସାହୁ ଓ ପ୍ରବନ୍ଧକ ଆର.ଭି. ଯାଦବ ମଧ୍ୟ ସେଠାରେ ଉପସ୍ଥିତ ଥିଲେ। ଏହି ସମୟରେ ହଠାତ୍ ବିଦ୍ୟୁତ୍‌ଜନିତ ଦୁର୍ଘଟଣା ଘଟି ସିଲଭମଙ୍କ ଶରୀରର ପ୍ରାୟ ୯୦ ଭାଗ ଜଳିଯାଇଥିଲା। ଦୁଇ ବରିଷ୍ଠ ଅଧିକାରୀ ମଧ୍ୟ ଗୁରୁତର ହୋଇଥିଲେ। ତେବେ କମ୍ପାନୀ କର୍ତ୍ତୃପକ୍ଷ ପ୍ରଥମେ ଏହି ଘଟଣାକୁ ଲୁଚାଇ ରଖିବାକୁ ଚେଷ୍ଟା କରିଥିଲେ। ଏପରି କି କାହାକୁ କିଛି ନ ଜଣାଇ ୨ ଅଧିକାରୀଙ୍କୁ ଅନୁଗୋଳ ଓ ସିଲଭମଙ୍କୁ କଟକର ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। କିନ୍ତୁ ସିଲଭମଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜାଣି କମ୍ପାନୀ କର୍ତ୍ତୃପକ୍ଷ ଏ ସମ୍ପର୍କରେ କାରଖାନା ଓ ବାଷ୍ପିତ୍ର ବିଭାଗକୁ ଅବଗତ କରାଇଥିଲେ। ତେବେ ଚିକିତ୍ସାଧୀନ ଥିବା ସିଲଭମଙ୍କ ରବିବାର ଭୋର ସମୟରେ ମୃତ୍ୟୁ ହୋଇଯାଇଥିଲା। ଖବରପାଇ ଅନ୍ୟ କର୍ମଚାରୀମାନେ ମୃତଦେହ କମ୍ପାନୀ ପରିସରରେ ରଖି ସିଲଭମଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ଦାବିରେ ଆନ୍ଦୋଳନ ଚଳାଇଛନ୍ତି। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ କମ୍ପାନୀ ପରିସରରେ ଉତ୍ତେଜନା ଲାଗି ରହିଥିବା ବେଳେ ପୋଲିସ, କମ୍ପାନୀ କର୍ତ୍ତୃପକ୍ଷ ଓ ଶ୍ରମିକ ସଙ୍ଗଠନ ମଧ୍ୟରେ ଆଲୋଚନା ଜାରି ରହିଛି। ଉଲ୍ଲେଖଯୋଗ୍ୟ ଯେ, କମ୍ପାନୀର ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉ ନ ଥିବା ଏବଂ ବିଭାଗୀୟ ଅଧିକାରୀମାନଙ୍କ ଦ୍ୱାରା ନିୟମିତ ବ୍ୟବଧାନରେ ଯାଞ୍ଚ କରାଯାଉ ନ ଥିବା ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା କେତେଜଣ କର୍ମଚାରୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ କାରଖାନା ଓ ବାଷ୍ପିତ୍ର ବିଭାଗ ସହକାରୀ ନିର୍ଦ୍ଦେଶକ ସୁଧାଂଶୁ କୁମାର ସାହୁ କହିଛନ୍ତି, ଦୁର୍ଘଟଣାର ତଦନ୍ତ ଆରମ୍ଭ କରିଛୁ। କମ୍ପାନୀର ସମ୍ପୃକ୍ତ ଅଞ୍ଚଳକୁ ପ୍ରବେଶ ନିଷେଧ ପାଇଁ ଆଦେଶ ଦିଆଯାଇଛି। ଖୁବ୍‌ଶୀଘ୍ର ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପ୍ରଥମ ଜନ୍ମଦିନ ଶୁଭେଚ୍ଛା



ତନୁଶ୍ରୀ ମହାପାତ୍ର
ଠିକଣା: କଟକ (ଖାନ୍‌ନଗର)
ପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମ୍ଭର ଏତିକି କାମନା ତୋତେ ଦୀର୍ଘାୟୁ କରନ୍ତୁ, ସଦାସର୍ବଦା ଖୁସିରେ ରଖନ୍ତୁ।
-:ଶୁଭେଚ୍ଛା ସହ:-
ଜେଜେ ବାପା, ଜେଜି ମା', ପିତା: ସନ୍ତୋଷ କୁମାର ମହାପାତ୍ର, ମାତା: ସୁନିତା ମହାପାତ୍ର ଓ ବନ୍ଧୁ ପରିବାରବର୍ଗ।
ଧ-୧୬୮୭୦

## Birthday Wish



Sajal (Guddu)
London
Happy Birthday dear Guddu. May god always bless you with lots of happiness and success and make all your wishes come true. Love you From: Papa, Mummy, Mamu, Main, Dada, Dadi, Sonu, Loraine and all near and dear one. Best Wishes From Aja: Surendra, Aai: Jyoshnarani, Balianta (Som Vihar), Bhubaneswar.
D-46279

## ଡି.ଏ.ଭି. ଶିକ୍ଷୟିତ୍ରୀଙ୍କୁ ଡକ୍ଟରେଟ୍ ଉପାଧି



ଶ୍ରୀମତୀ ଇତିଶ୍ରୀ ଗିରି, ରେଭେନ୍ସା ବିଶ୍ୱବିଦ୍ୟାଳୟରୁ ତାଙ୍କର ସମସ୍ତ ମହାବିଦ୍ୟାଳୟ ଶିକ୍ଷା ସମ୍ପୂର୍ଣ୍ଣକରି ଓଡ଼ିଆ ଭାଷା ଓ ସାହିତ୍ୟରେ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବେଳେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଏଗାରତମ ସମାବର୍ତ୍ତନ ଉତ୍ସବରେ ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଇତିଶ୍ରୀ ଗିରିଙ୍କୁ ଡକ୍ଟରେଟ ଉପାଧି ପ୍ରଦାନ କରିଛନ୍ତି। ତାଙ୍କ ସନ୍ଦର୍ଭର ଶୀର୍ଷକ ''ଭକ୍ତକବି ବନମାଳୀ ଦାସ''। ଗବେଷଣାର ଆଦ୍ୟ ଦିଗ୍‌ଦର୍ଶକ ପ୍ରଫେସର ଡକ୍ଟର ସୁଧୀର ଚନ୍ଦ୍ର ମହାନ୍ତିଙ୍କ ତତ୍ତ୍ୱାବଧାନରେ ସନ୍ଦର୍ଭ କାର୍ଯ୍ୟ ଆରମ୍ଭକରି ଡକ୍ଟର ବିଜୟଲକ୍ଷ୍ମୀ ଦାଶଙ୍କ ଅଧୀନରେ କାର୍ଯ୍ୟ ଶେଷ କରିଛନ୍ତି। କେନ୍ଦ୍ରାପଡା ଜିଲ୍ଲାର ଗରଦପୁର ବ୍ଲକ ଅନ୍ତର୍ଗତ ଧନୀରାମପୁର ଗ୍ରାମର ଶ୍ରୀଯୁକ୍ତ ପର୍ଶୁରାମ ଗିରି ଓ ନିର୍ମଳାପ୍ରଭା ଗିରିଙ୍କର ସେ ସର୍ବକନିଷ୍ଠା କନ୍ୟା ଏବଂ କେନ୍ଦ୍ରାପଡା ଆଳି ବ୍ଲକ ନମୌଜାର କଳଦିଆ ଗ୍ରାମର ସ୍ୱର୍ଗତ ଧରଣୀଧର ପଣ୍ଡା ଓ ବେଳରାଣୀ ପଣ୍ଡାଙ୍କର ସେ ପୁତ୍ରବଧୂ, ବିଜୟ ପଣ୍ଡା ଓ ଅକ୍ଷୟ ପଣ୍ଡାଙ୍କର ସେ ଭ୍ରାତୃବଧୂ ଏବଂ ଅଶୋକ କୁମାର ପଣ୍ଡାଙ୍କର ଧର୍ମପତ୍ନୀ। ଶ୍ରୀମତୀ ଗିରି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ମହାନଦୀବିହାରର ପ୍ରାକ୍ତନ ଆଚାର୍ଯ୍ୟା, ଇଣ୍ଡିଗୋ କଳା ଓ ବାଣିଜ୍ୟ ଆବାସିକ ମହାବିଦ୍ୟାଳୟ ସିଡିଏ, କଟକର ପୂର୍ବତନ ଅଧ୍ୟାପିକା। ବର୍ତ୍ତମାନ ସେ ଡି.ଏ.ଭି. ପବ୍ଲିକ ସ୍କୁଲ, କଳିଙ୍ଗନଗର ଭୁବନେଶ୍ୱରରେ ଶିକ୍ଷୟିତ୍ରୀ ରୂପେ କାର୍ଯ୍ୟରତ। କାର୍ଯ୍ୟର ଶ୍ରେୟ ପୂଜ୍ୟ ବୁଢ଼ାବାପାଙ୍କୁ ଦେବା ସହିତ ପ୍ରଫେସର ଡକ୍ଟର ନଟବର ଶତପଥୀ, ଡକ୍ଟର ଆଶୁତୋଷ ମଲ୍ଲିକ ଓ ସମସ୍ତ ଶୁଭଚିନ୍ତକମାନଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି।
ଧ-୧୬୮୫୯

# କିରୋସିନ ପିଇ ବାଳକ ଗୁରୁତର

**କାମାକ୍ଷାନଗର,୨୩।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା କଙ୍କଡାହାଡ଼ ଥାନା ପାଟବେଡା ଗ୍ରାମରେ ରବିବାର ସକାଳୁ କିରୋସିନ ପିଇ ଛବିଳ ସିଂଙ୍କ ପୁଅ ସ୍ୱାଗତ ସିଂ(୪) ଗୁରୁତର ହୋଇଛନ୍ତି। ଘରେ ରଖାଯାଇଥିବା କିରୋସିନକୁ ସେ ପିଇ ଦେଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରୁ ତାଙ୍କୁ ଢେଙ୍କାନାଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ସୁପରିଣ୍ଟେଣ୍ଡେଣ୍ଟଙ୍କ ଅଭିଯୋଗ, ଅଭିଭାବକ ଗିରଫ

**ପାଚେରିରୁ ଖସିପଡି ଅଭିଭାବକ ଗୁରୁତର ଘଟଣା**



**ପରଜଙ୍ଗ,୨୩।୨(ଡି.ଏନ.ଏ.)-** ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ମହାବିରୋଡ଼ ଫାଣ୍ଡି ଅଧୀନ ଗଡ଼ପଳାଶୁଣି ହାଇସ୍କୁଲରେ ମାଟ୍ରିକ ପରୀକ୍ଷାର୍ଥୀଙ୍କୁ କପି ଦେବାକୁ ଉଦ୍ୟମ କରୁଥିବାବେଳେ ପୋଲିସ ଗୋଡ଼ାଇବାରୁ ପାଚେରି ଉପରୁ ଖସିପଡ଼ି ଗୁରୁତର ହୋଇଥିବା ପଥରଗଡ଼ ଗ୍ରାମର ଅଭିଭାବକ ଡମ୍ବୁରୁ ସାହୁଙ୍କୁ ଗିରଫ କରାଯାଇଛି। ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଦେବାନନ୍ଦ ଖୁଣ୍ଟିଆ ବେଆଇନ ଭାବେ କପି ଯୋଗାଇବା, ଗାଳି ଗୁଲଜ ଓ ହତ୍ୟା ଧମକ ନେଇ ଅଭିଯୋଗ କରିବା ପରେ ପୋଲିସ ନଂ. ୪୧/୨୦ରେ ମାମଲା ରୁଜୁ କରି ଡମ୍ବୁରୁଙ୍କୁ ଗିରଫ ପରେ ରବିବାର କୋର୍ଟଚାଲାଣ କରିଛି। ଯେଉଁ ଅଭିଭାବକ ଏପରି ଉଦ୍ୟମ କରିବେ ତାଙ୍କୁ ଗିରଫ କରାଯିବ ବୋଲି ଥାନା ଅଧିକାରୀ ସନ୍ତୋଷ ପ୍ରଧାନ ସୂଚନା ଦେଇଛନ୍ତି।

# ଶୃଙ୍ଖଳିତ ସହ ଅନ୍ୟର ଆଦର୍ଶ ହେବାକୁ ପରାମର୍ଶ




ବିଶ୍ୱ ସ୍କାଉଟ୍ସ ଗାଇଡ୍ସ ଚିନ୍ତନ ଦିବସ ପାଳନ ଅବସରରେ ଅତିଥିମାନେ।

**ଢେଙ୍କାନାଳ ଅଫିସ,୨୩।୨**

ଢେଙ୍କାନାଳ ସହରସ୍ଥିତ ଶ୍ରୀବଳରାମ ସରକାରୀ ଉଚ୍ଚ ବିଦ୍ୟାଳୟରେ ଶନିବାର ବିଶ୍ୱ ସ୍କାଉଟ୍ସ ଓ ଗାଇଡ୍ସର ଚିନ୍ତନ ଦିବସ ପାଳିତ ହୋଇଯାଇଛି। ଜିଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ବେଡେନ ପାୱେଲ ଓ ତାଙ୍କ ପତ୍ନୀ ଓଲେଭ୍ ବେଡେନ ପାୱେଲଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଆହ୍ୱାନ ଦେଇଥିଲେ। ଏଥିସହ ନିଜକୁ ଏକ ଶୃଙ୍ଖଳିତ ସ୍କାଉଟ୍ ଓ ଗାଇଡ ରୂପେ ଗଢିବା ପାଇଁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ସଭାପତିତ୍ୱ କରି ପ୍ରଧାନ ଶିକ୍ଷକ ଅରବିନ୍ଦ ତ୍ରିପାଠୀ ସ୍କାଉଟ୍ ଓ ଗାଇଡମାନେ ଅନ୍ୟମାନଙ୍କ ପାଇଁ ଆଦର୍ଶ ହେବା ସହ ଉଦାହରଣ ସୃଷ୍ଟି କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରୀବଳରାମ ହାଇସ୍କୁଲ ସମେତ ବିବି ହାଇସ୍କୁଲ, ଲକ୍ଷ୍ମୀଧର ମ୍ୟୁନିସିପାଲ ହାଇସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର, ସୁଲକ୍ଷଣା ଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ ଓ କେପି ହାଇସ୍କୁଲ ଗୋବିନ୍ଦପୁରର ୫୦ ଜଣ ସ୍କାଉଟ ଓ ଗାଇଡ୍ସ ଯୋଗ ଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଅଶୋକ କୁମାର ପଣ୍ଡା, ଶ୍ରୀଧର ସାହୁ, ଶିକ୍ଷୟିତ୍ରୀ ମମତା କୁମାର ନନ୍ଦ, ରୋଜାଲିନ ରଥ, ତୃପ୍ତିମୟୀ ସାହୁ, ମୋନାଲିସା ପ୍ରଧାନଙ୍କ ସମେତ କାର୍ଯ୍ୟାଳୟ ସହକାରୀ ହେମନ୍ତ ଗଡନାୟକ, ଅରକ୍ଷିତ ମହାପାତ୍ର, ନିଶାକର ସେନାପତି, ଆମୋଦ ଗଡନାୟକ ପରିଚାଳନାରେ ସହଯୋଗ କରିଥିଲେ।

# ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା

**ପରଜଙ୍ଗ,୨୩।୨(ଡି.ଏନ.ଏ.)**

ପରଜଙ୍ଗ ବ୍ଲକ ବାରିହାପୁର ଗ୍ରାମର ବାବା ଗୋବିନ୍ଦ ଦାସ ମଠ ନିକଟରେ ନୂତନ ଭାବେ ନିର୍ମିତ ହୋଇଥିବା ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଡମୋଳ ଗ୍ରାମ ନିକଟସ୍ଥ ବ୍ରାହ୍ମଣୀ ନଦୀରୁ ୨୫୧ ଜଣ ମହିଳା କଳସରେ ପାଣି ନୂତନ ହନୁମାନ ମନ୍ଦିର ପ୍ରାଙ୍ଗଣରେ କଳସ ସ୍ଥାପନ କରିଥିଲେ। ୩ ଦିନ ଧରି ଏହି ପୂଜା ଚାଲିଥିଲା। ପ୍ରତିଦିନ ସନ୍ଧ୍ୟାରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେହିପରି ଶ୍ରଦ୍ଧାଳୁଙ୍କ ପାଇଁ ପ୍ରସାଦସେବନର ବ୍ୟବସ୍ଥା ହୋଇଥିଲା। ପ୍ରବଚକ ଭାବେ ବାସୁଦେବ ଚାନ୍ଦ, ନିର୍ମଳ ମିଶ୍ର, ଅଚ୍ୟୁତ ନନ୍ଦ ଦାସ, ଦୋଲଗୋବିନ୍ଦ ବେହେରା ଯୋଗ ଦେଇଥିଲେ। ରଞ୍ଜନ ଦେହୁରୀ ମଞ୍ଚ ପରିଚାଳନା କରିଥିଲେ। ଶନିବାର ବୃଷଭ, ବୃନ୍ଦାବତୀ ପ୍ରତିଷ୍ଠା ସହ ନାମ ସଂକୀର୍ତ୍ତନ ଅନୁଷ୍ଠିତ ହୋଇଥିଲା। ପୂଜକ ଭାବେ ପବିତ୍ରମୋହନ ଚାନ୍ଦ, ପ୍ରଭାତ ଚାନ୍ଦ, ନିର୍ମଳ ଚାନ୍ଦ, ଶରତ ମିଶ୍ର ଯୋଗ ଦେଇଥିଲେ। ପରେ ବିଗ୍ରହରେ ପ୍ରାଣ ପ୍ରତିଷ୍ଠା ହେବାସହ ରବିବାର ପୂର୍ଣ୍ଣାହୁତି ହୋଇଥିଲା। ଗ୍ରାମବାସୀ ସହଯୋଗ କରିଥିଲେ।



# ପ୍ରସ୍ତାବିତ ତୈଳଭଣ୍ଡାରକୁ ବିରୋଧ



ପ୍ରସ୍ତାବିତ ବିପିସିଏଲ୍ ତୈଳଭଣ୍ଡାର ବିରୋଧରେ ପ୍ରତିବାଦ ସଭା।

**ଓଡାପଡା,୨୩।୨(ଡି.ଏନ.ଏ)**

■ଏକତରଫା ଗ୍ରାମସଭା ନିଷ୍ପତ୍ତି ରଦ୍ଦ ପାଇଁ ଦାବି
■ହାତୀ ଚଲାପଥ ଅବରୋଧ ସୃଷ୍ଟି କରିବ ସମସ୍ୟା

ଢେଙ୍କାନାଳ ଜିଲା ଓଡାପଡା ବ୍ଲକ ସଦାଶିବପୁର ପଞ୍ଚାୟତ ତେନ୍ତୁଳିଆପଡା ଓ ରସାସିଂ ଅଞ୍ଚଳରେ ଭାରତ ପେଟ୍ରୋଲିୟମ କର୍ପୋରେଶନ ଲିମିଟେଡ (ବିପିସିଏଲ)ର ପ୍ରସ୍ତାବିତ ତୈଳ ଭଣ୍ଡାରକୁ ଶନିବାର ଜୋରଦାର ବିରୋଧ କରାଯାଇଛି। ସଦାଶିବପୁର, ଗୁଣଦେଇ ଓ ଗଦାଶିଳା ପଞ୍ଚାୟତର ବହୁ ଲୋକେ ପସାସିଂ ଗ୍ରାମ ନିକଟରେ ଏ ନେଇ ଏକ ପ୍ରତିବାଦ ସଭା କରିଥିଲେ।

ଜିଲା ପରିଷଦର ପୂର୍ବତନ ସଭାପତି ରେବତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ସଭାରେ ବରିଷ୍ଠ କୃଷକ ନେତା ତଥା କୃଷକ ଆନ୍ଦୋଳନର ଆବାହକ ଲିଙ୍ଗରାଜ ଯୋଗଦେଇ ଏହି ପ୍ରକଳ୍ପକୁ ବିରୋଧ କରିବା ସହ ଏହା ଚାଷୀ, ଚାଷ, ହାତୀ ଓ ଅଞ୍ଚଳବାସୀଙ୍କ ପାଇଁ ଅନେକ ଅସୁବିଧା ସୃଷ୍ଟି କରିବ ବୋଲି ମତବ୍ୟକ୍ତ କରିଥିଲେ। ସାମାଜିକ କର୍ମୀ ପ୍ରଶାନ୍ତ କୁମାର ମିଶ୍ର, ସରୋଜ କୁମାର ଶତପଥୀ, ଜୟନ୍ତ କୁମାର ଧଳ, ଶେଖରଚନ୍ଦ୍ର ସେଠି, ଅନ୍ତର୍ଯ୍ୟାମୀ ବରାଳ, ଗୋଲକ ବିହାରୀ ମହାନ୍ତି, ପ୍ରମିଳା ଜେନା, ଲକ୍ଷ୍ମଣ କବି, ସଦାଶିବପୁର ସମିତି ସଭ୍ୟା ଧରିତ୍ରୀ ମଲିକ ପ୍ରମୁଖ ସ୍ଥାନୀୟ ଅଞ୍ଚଳର ସମସ୍ୟା ପ୍ରତି ଗୁରୁତ୍ୱ ନ ଦେଇ ଜନବସତି ନିକଟରେ ଏଭଳି ଏକ ପ୍ରକଳ୍ପ ନିର୍ମାଣ ନିଷ୍ପତ୍ତିର ତୀବ୍ର ନିନ୍ଦା କରିଥିଲେ। ପ୍ରସ୍ତାବିତ ଅଞ୍ଚଳ ହାତୀ ଚଲାପଥ ହୋଇଥିବାରୁ ସେଠାରେ ପାଚେରି ନିର୍ମାଣ କଲେ ହାତୀପଲ ପଥ ହୁଡିବା ସହ ଗ୍ରାମାଭିମୁଖୀ ହୋଇ ଧନଜୀବନ ହାନି କରିବାର ସମ୍ଭାବନା ରହିଛି। ଉକ୍ତ ପ୍ରକଳ୍ପ ଏକ ଉତ୍ପାଦନମୂଳକ ପ୍ରକଳ୍ପ ହୋଇ ନ ଥିବାରୁ କମ୍ପାନୀ କର୍ତ୍ତୃପକ୍ଷ ନିଯୁକ୍ତି ପ୍ରଦାନ ନେଇ ଦେଇଥିବା ପ୍ରତିଶ୍ରୁତି ପୂରଣ ହୋଇପାରିବ ନାହିଁ ବୋଲି ସଭାରେ ମତ ପ୍ରକାଶ ପାଇଥିଲା। ଏହି ପ୍ରକଳ୍ପ ପାଇଁ ଜାନୁୟାରୀ ୩୧ରେ ରସାସିଂ ଓ ତେନ୍ତୁଳିଆପଡା ଗ୍ରାମରେ ହୋଇଥିବା ଗ୍ରାମସଭା ଜୋର ଜବରଦସ୍ତ ଓ ଏକତରଫା ଭାବେ କରାଯାଇଥିବାରୁ ତାହାକୁ ରଦ୍ଦ କରିବା ପାଇଁ ସେମାନେ ଦୃଢ଼ ଦାବି ଜଣାଇଥିଲେ। ଆଗାମୀ ଦିନରେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଭାରେ ନିଷ୍ପତ୍ତି ନିଆଯାଇଥିଲା। ନିର୍ମଳ କୁମାର ଜେନା ଧନ୍ୟବାଦ ଦେଇଥିବା ବେଳେ ବାମଦେବ ପରିଡା, ସୁଶୀଳ ପରିଡା ଓ ଅଜିତ ବେହେରା ସହଯୋଗ କରିଥିଲେ।

# ମାଲ୍ୟଗିରି ମହୋତ୍ସବ ପାଇଁ କଳାକାର ଚୟନ ଆରମ୍ଭ



କଳାକାରଙ୍କ ସହ ବିଧାୟକ ଓ ଅନ୍ୟମାନେ।

**ପାଲଲହଡା,୨୩।୨(ଡି.ଏନ.ଏ.):** ଆସନ୍ତା ମାର୍ଚ୍ଚ ୫ରୁ ପାଲଲହଡା ଉପଖଣ୍ଡରେ ଆରମ୍ଭ ହେବ ମାଲ୍ୟଗିରି ମହୋତ୍ସବ। ଏଥିପାଇଁ ରବିବାର ସ୍ଥାନୀୟ ଉପଜିଲାପାଳଙ୍କ ଭୋଟଗଣତିଗୃହଠାରେ ଉପଖଣ୍ଡର ୨୭ ଗୋଟି ପଞ୍ଚାୟତରୁ ଆସିଥିବା କଳାକାରଙ୍କୁ ନେଇ ଏକ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହୋଇଯାଇଛି। ପାଲଲହଡା ବିଧାୟକ ତଥା ମାଲ୍ୟଗିରି ମହୋତ୍ସବ କମିଟି ସଭାପତି ମୁକେଶ କୁମାର ପାଲ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମହୋତ୍ସବ କମିଟିର କାର୍ଯ୍ୟକାରୀ ସମ୍ପାଦକ ଏସ୍. ଲଲାଟେନ୍ଦୁ ନୈବେଦ୍ୟ, ବ୍ଲକ ଅଧ୍ୟକ୍ଷ ନବକିଶୋର ନାୟକ, ବିଡିଓ ରବିନାରାୟଣ ମାଝି, ପୂର୍ବତନ ଜିଲାପରିଷଦ ଉପାଧ୍ୟକ୍ଷ ଗଙ୍ଗାଧର ଜିତ, ମହୋତ୍ସବ ସାଂସ୍କୃତିକ ଉପକମିଟିର ସମସ୍ତ କର୍ମକର୍ତ୍ତାଙ୍କ ସମେତ ଅଞ୍ଚଳର ବହୁ ବରିଷ୍ଠ କଳାକାର ଯୋଗ ଦେଇଥିଲେ। ଚୟନ ପ୍ରକ୍ରିୟାରେ ଉପଖଣ୍ଡର ୩୫ ଗୋଟି ଦଳ ଅଂଶଗ୍ରହଣ କରିଥିଲେ। ଯୋଗ୍ୟ ବିବେଚିତ କଳାକାର ଦଳ ଆସନ୍ତା ୫ରୁ ୯ ତାରିଖ ପର୍ଯ୍ୟନ୍ତ ମାଲ୍ୟଗିରି ମହୋତ୍ସବରେ କଳା ଓ ସଂସ୍କୃତି ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ଅଭୟ କୁମାର ନାଏକ, ବିବେକାନନ୍ଦ ବିଶ୍ୱାଳ, ରଘୁନନ୍ଦନ ଆଚାର୍ଯ୍ୟ, ନେତ୍ରାନନ୍ଦ ମହାକୁଳ ପ୍ରମୁଖ ପରିଚାଳନା କରିଥିଲେ।

EASY FASHION FOR THE ENTIRE FAMILY
MORE THAN 1000 STYLES FROM ₹69 TO ₹699

easybuy
SANKAR CINEMA ROAD, NEAR IDBI BANK, ANGUL

# ମହିଳା ସ୍ୱାବଲମ୍ବୀ ହେଲେ ଦେଶ ଆଗେଇବ

**ସ୍ୱାବଲମ୍ବିନୀ ପ୍ରକଳ୍ପ ଉଦ୍‌ଘାଟିତ**



ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥିମାନେ।

**ବଇଣ୍ଡା,୨୩।୨(ଡି.ଏନ.ଏ.)**

ମହିଳାମାନଙ୍କ ଉନ୍ନତି ପାଇଁ ସରକାର ଅନେକ ଯୋଜନା କାର୍ଯ୍ୟକାରୀ କରିଛନ୍ତି। ଏସ୍ଏସ୍‌ଜି ଗଠନ କରି ମହିଳାମାନଙ୍କୁ କମ୍ ସୁଧରେ ଋଣ ଯୋଗାଇ ଦେଉଛନ୍ତି। ଏହି ଋଣ ନେଇ ମହିଳାମାନେ ବିଭିନ୍ନ କାର୍ଯ୍ୟରେ ଲଗାଇଲେ ରୋଜଗାରକ୍ଷମ ହୋଇପାରିବେ। ମହିଳା ସ୍ୱାବଲମ୍ବୀ ହେଲେ ଦେଶ ଆଗେଇବ ବୋଲି ରବିବାର କିଶୋରନଗର ବ୍ଲକ ବଇଣ୍ଡା ସାପ୍ତାହିକ ହାଟରେ ସ୍ୱାବଲମ୍ବିନୀ ପ୍ରକଳ୍ପ ଉଦ୍‌ଘାଟିତ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତପ୍ରକାଶ କରିଛନ୍ତି। ମୁଖ୍ୟଅତିଥି ଭାବେ ନୁନୁକାପଶି ସରପଞ୍ଚ ଜଳଧର ସାହୁ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଲେଭଲ୍ କୋଅର୍ଡିନେଟର ଜିତେନ୍ଦ୍ର କୁମାର ସାହୁ, ସାଗରକାନ୍ତ ରାଉତ, ଦକ୍ଷନଥିପତ୍ର ଲେଖିକା ଲିଲା ବିଶ୍ୱାଳ, ଗୀତାଞ୍ଜଳି ସାହୁ, ସୁମିତ ପ୍ରଧାନ, ପୁଷ୍ପଲତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳାଙ୍କ ଦ୍ୱାରା କରାଯାଇଥିବା ଫିନାଇଲ, ପନିପରିବା, ବଡ଼ି, ପାମ୍ପଡ଼ ଭଳି ଅନେକ ଦ୍ରବ୍ୟ ବିକ୍ରି କରାଯାଇଥିଲା। ଏଥିରେ ଲୁହାମୁଣ୍ଡା, ନୁନୁକାପଶି, ଗାଁ ବଇଣ୍ଡା, ଜାମୁନାଳୀ, କଣ୍ଟେଇକୁଳିଆ ପ୍ରମୁଖ ପଞ୍ଚାୟତର ବହୁ ଗୋଷ୍ଠୀର ସଦସ୍ୟା ଯୋଗ ଦେଇଥିଲେ।

# ମନେ ପଡନ୍ତି

## ଏକାଦଶାହ ସ୍ମୃତିରେ



ସ୍ୱର୍ଗତା ନିରୁପମା ନାୟକ (ଝୁନା)
ଜୟ ଜଗନ୍ନାଥ ହୋଟେଲ୍,
ସାରଦା ଦେବୀ ରୋଡ, ପୁରୀ
ଆବିର୍ଭାବ: ୦୫।୧୦।୧୯୭୮
ତିରୋଧାନ: ୧୪।୦୨।୨୦୨୦
ଏ ଧରାପୃଷ୍ଠରୁ ତୁମର ଅଚାନକ ପ୍ରସ୍ଥାନରେ ଆମ୍ଭେ ଅତ୍ୟନ୍ତ ମର୍ମାହତ। ତୁମ ଅବର୍ତ୍ତମାନରେ ସୃଷ୍ଟି ହୋଇଥିବା ଶୂନ୍ୟସ୍ଥାନ ସବୁଦିନ ପାଇଁ ଅପୂରଣୀୟ ହୋଇ ରହିଗଲା। ତୁମର ଅମରାତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ସ୍ୱାମୀ: ଗୋବର୍ଦ୍ଧନ ନାୟକ, ପୁଅ: ଭାଗ୍ୟବର୍ଦ୍ଧନ ଓ ହର୍ଷବର୍ଦ୍ଧନ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୮୧୯

## ସପ୍ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ଗୁରୁପ୍ରସାଦ ମହାପାତ୍ର
ଆବିର୍ଭାବ: ୧୧।୦୩।୧୯୮୨
ତିରୋଧାନ: ୨୪।୦୨।୨୦୧୩
ତୁ ଜିବାର ସାତବର୍ଷ ହେଲାଣି, ତୋର ସେହି ଅପାସୋରା ସ୍ମୃତି ଆମର ସନ୍ତକ। ତୋ ଆତ୍ମାର ସଦ୍‌ଗତି ନିମନ୍ତେ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ବାପା, ନାନୀ, ଭାଇନା, ଭଣଜା (ବାବା), ପରିବାରବର୍ଗ।
ଧ-୧୬୮୭୭

## ତୃତୀୟ ଶ୍ରାଦ୍ଧବାର୍ଷିକ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ଇନ୍ଦ୍ରମଣି ଜେନା
ଲକ୍ଷ୍ମୀସାଗର, ତଳସାହି, ଭୁବନେଶ୍ୱର
ଆବିର୍ଭାବ: ୧୨।୦୪।୧୯୩୩
ତିରୋଧାନ: ୨୭।୦୨।୨୦୧୭
ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ।
-:ଶ୍ରଦ୍ଧାଞ୍ଜଳି ସହ:-
ଆପଣଙ୍କର ପୁଅ,ବୋହୂ, ଝିଅ, ଜ୍ୱାଇଁ, ନାତି, ନାତୁଣୀ, ବନ୍ଧୁ ଓ ପରିବାରବର୍ଗ।
ଧ-୬୮୬୮୨

## ଅଶ୍ରୁଳ ଶ୍ରଦ୍ଧାଞ୍ଜଳି

ଦ୍ୱାଦଶାହ ଉପଲକ୍ଷେ



✓ ଅର୍ଜୁନ ମହାନ୍ତି
ଆବିର୍ଭାବ-୨୦.୧୧.୧୯୩୪
ତିରୋଧାନ-୧୩.୦୨.୨୦୨୦
ଦୁର୍ଗାବଜାର, ଢେଙ୍କାନାଳ
ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇଦେଇ ଚାଲିଗଲ। ଚାହୁଁ ଚାହୁଁ ୧୨ଦିନ ବିତିଗଲା। ତୁମର କର୍ତ୍ତବ୍ୟନିଷ୍ଠ, ଚାଲିଚଳନ, ତ୍ୟାଗ, ଆଦର, ସବୁଦିନ ସମସ୍ତଙ୍କ ହୃଦୟରେ ଜୀବିତ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଢେଙ୍କାନାଳ ଅଧିଷ୍ଠାତା ଦେବତା ପ୍ରଭୁ ଶ୍ରୀ ବଳରାମ ଓ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଆପଣଙ୍କ ଶୋକସନ୍ତପ୍ତ ପରିବାର ବର୍ଗ- ପୁତ୍ର- ବିନୋଦ, ପ୍ରଶାନ୍ତ, ବୋହୂ ରଜନୀ, ବୁବୁଲି, ସବିତା, ରୁବି, ଝିଅ-ପ୍ରଭାତୀ, ସଂଯୁକ୍ତା, ପଦ୍ମିନୀ, ଜ୍ୱାଇଁ-ପ୍ରାଣବନ୍ଧୁ, ବିକାସ, ସ୍ମାରକ, ନାତି-ଦେବ, ପିଣ୍ଟୁ, ଗୁଲୁ, ବବ୍‌ଲୁ, ମିଲା, ମୁନ୍ନ, ଲିଲନ୍, ସୋମ୍, ଗୁଗୁଲା, ଗୁଗ୍ଗୁ, ନାତୁଣୀ-ପୁଷି, ପୂଜା, ଲିଜା, ପୁନି, ମାମୁନି, ନାତୁଣୀ ବୋହୂ-ମାନୁ, ଦୀପା, ସୁରେଖା, ମାମାଲି, ଅଣନାତି, ସାଇ, ଓମ୍, ଛୋଟୁ, ଅଣନାତୁଣୀ, ଟିକି, ମିକି, ପିକୁ, କିଟିଙ୍କ ସମେତ ଭାଇ ଦେିତାରୀ, ପୁତୁରା, ପୁତୁରା ବୋହୂ ଓ ମହାନ୍ତି ପରିବାରବର୍ଗ।
ଧ-୬୬୮୫୪

## ଚତୁର୍ଥ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ପ୍ରଫେସର ତ୍ରିଲୋଚନ ମିଶ୍ର
ପୂର୍ବତନ କୁଳପତି
ମିଶ୍ର ପରିବାର, ୩୧୬-ଏ, ସହିଦନଗର
ଆବିର୍ଭାବ: ୨୩।୧୧।୧୯୨୪
ତିରୋଧାନ: ୦୯।୦୩।୨୦୧୬
ଜୀବନର ପଥ ଅତିକ୍ରମ କଲ
ନିର୍ଭୀକ ସୈନିକ ପରି
ଅନାବିଳ ସ୍ନେହ ବିତରଣ କଲ
ବିଶାଳ ହୃଦୟେ ଭରି
ସଦା ଲଭୁଥାଉ ତୁମରି ଆଶିଷ
ଜୀବନ ପଥରେ ଆମ
ଅମର ଆତ୍ମାର ସଦ୍‌ଗତି ହେଉ
ମୁକତି ପଥର ଧାମ
ଧ-୧୬୮୬୧

## ସଂକ୍ଷେପରେ

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

ରୂପ୍‌ସା,୨୩।୨(ଡି.ଏନ୍.ଏ.): ରୂପ୍‌ସା ଥାନା ବରହମପୁର ଗ୍ରାମର ଜିତେନ୍ଦ୍ର ବେହେରାଙ୍କୁ ମିରିଗିମୁଣ୍ଡି ଗ୍ରାମର ଗଦାଧର ସେନାପତି ମରଣାନ୍ତକ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଏ ନେଇ ଶନିବାର ଥାନାରେ ଏକ ମାମଲା (ନଂ.୧୩/୨୦) ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଛି। ଜିତେନ୍ଦ୍ର ସାଇକେଲ ଯୋଗେ ଯାଉଥିବାବେଳେ ଶୁକ୍ରବାର ରାତିରେ ମିରିଗିମୁଣ୍ଡି ଗାଁ ବ୍ରାହ୍ମଣୀ ପୋଖରୀଠାରେ ତାଙ୍କୁ ଗଦାଧର ଆକ୍ରମଣ କରିଥିଲେ। ଏଥିସହ ଅଭିଯୁକ୍ତ ଜିତେନ୍ଦ୍ରଙ୍କ ସାଇକେଲ ଭଙ୍ଗାରୁଜା କରିବା ସହ ୧୨ଶହ ଟଙ୍କା ଛଡ଼ାଇ ନେଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ରୂପ୍‌ସା ହାଟରୁ ବାଇକ୍ ଚୋରି

ରୂପ୍‌ସା,୨୩।୨(ଡି.ଏନ୍.ଏ.): ବାଲେଶ୍ୱର ସଦର ବ୍ଲକ ରୂପ୍‌ସା ହାଟରୁ ଶୁକ୍ରବାର ପୁଣି ଏକ ବାଇକ୍ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ଏ ସମ୍ପର୍କରେ ରୂପ୍‌ସା ଥାନା ଆଇଆଇସି ବିଶ୍ୱଜ କୁମାର ରାଉତରାୟ ତଦନ୍ତ ଜାରି ରଖିଛନ୍ତି। ସଦର ଥାନା ମହାପଦା ଗ୍ରାମର ବିଦେଶୀ ଦାସ ବାଇକ୍ (ନଂ. ଓଡ଼ି୦୧ଏନ୍-୨୦୬୭) ନେଇ ହାଟକୁ ଯାଇଥିଲେ। ଆର୍‌ଆଇ ଅଫିସ ନିକଟରେ ବାଇକ୍ ଲକ୍ କରି ହାଟ ଭିତରକୁ ଯାଇଥିଲେ। ପରିବାପତ୍ର କିଣି ଫେରିବା ବେଳକୁ ସେଠାରେ ତାଙ୍କ ବାଇକ୍ ନ ଥିବା ଜାଣିବାକୁ ପାଇଥିଲେ। ବହୁ ଖୋଜାଖୋଜି ପରେ ଚୋରି ବାଇକ୍‌ର ସନ୍ଧାନ ନ ମିଳିବାରୁ ସେ ରବିବାର ଲିଖିତ ଭାବେ ଥାନାରେ ଅଭିଯୋଗ କରିଛନ୍ତି।

# ଚିକିତ୍ସାରେ ଅବହେଳା ଅଭିଯୋଗ

ଅନୁଗୋଳ ଅଫିସ, ୨୩।୨

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ପୁଣି ରୋଗୀଙ୍କ ଚିକିତ୍ସାରେ ଅବହେଳା ହେଉଥିବା ଅଭିଯୋଗ ଆସିଛି। ଡାକ୍ତରଖାନାର ୩ ମହଲା ବିଲ୍ଡିଂରେ ଥିବା ବେଡ ନଂ. ୩୩୫ ଓ ୩୩୬ରେ ଥିବା ଦୁଇଜଣ ଗୋଡ଼ ଭଙ୍ଗା ରୋଗୀ ଏହି ଅଭିଯୋଗ ଆଣିଛନ୍ତି। ସେମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦିଆଯାଉ ନ ଥିବାବେଳେ ଘରୋଇ ମେଡିକାଲକୁ ଯିବାକୁ ଡାକ୍ତରଖାନା ପକ୍ଷରୁ ପରାମର୍ଶ

**ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟ**

ଦିଆଯାଉଥିବା ନେଇ ସିଡିଏମ୍‌ଓଙ୍କ ଦୃଷ୍ଟି ଆକର୍ଷଣ କରିଥିବା ସେମାନେ ପ୍ରକାଶ କରିଛନ୍ତି।

୩୩୫ ନମ୍ବର ବେଡ୍‌ରେ ଥିବା ନରସିଂହପୁରର ଅଞ୍ଚଳର ଜିତେନ୍ଦ୍ର ସଏଙ୍କ ଅଭିଯୋଗ ମୁତାବକ, ଏକ ଦୁର୍ଘଟଣାରେ ଗୋଡ ଭାଙ୍ଗିଯିବା ପରେ ସେ ପ୍ରଥମେ ହିନ୍ଦୋଳ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ପରେ ତାଙ୍କୁ ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଗତ ୨୧ ତାରିଖରୁ ସେ ସେଠାରେ ଚିକିତ୍ସାଧୀନ ଥିବାବେଳେ ଡାକ୍ତର ଗୋଡ ପ୍ଲାଷ୍ଟର କରିବା ବଦଳରେ କାଠ ଫାଳିଆ ଦେଇ ଗଜ କପଡା ଭିଡି ଦେଇଛନ୍ତି। ତରବର ହେଲେ ଘରୋଇ ମେଡିକାଲକୁ ଚାଲିଯିବାକୁ ମଧ୍ୟ କୁହାଯାଉଥିବା ସେ ପ୍ରକାଶ କରିଛନ୍ତି। ସେହିପରି ୩୩୬ ନମ୍ବର ବେଡ୍‌ରେ ଥିବା ଗୋଡ଼ ଭଙ୍ଗା ରୋଗୀ ତାଳଚେର ଭାଲୁଗାଡ଼ିଆ ଗ୍ରାମର ଧୀରେନ ନାଏକଙ୍କୁ ଦେଖିଥିବା ଡାକ୍ତର ଜଣକ ଛୁଟିରେ ଥିବାରୁ ଅନ୍ୟ କେହି ତାଙ୍କୁ ଚିକିତ୍ସା କରୁ ନ ଥିବା ସେ ଅଭିଯୋଗ ଆଣିଛନ୍ତି। ଏପରି କି ସମ୍ପୃକ୍ତ ଡାକ୍ତରଙ୍କୁ ଖୋଜି ଖୋଜି ସେ ଏକ ଘରୋଇ କ୍ଲିନିକ୍‌ରେ ତାଙ୍କୁ ଦେଖାଇଥିବା ଅଭିଯୋଗ କରିଛନ୍ତି। ତାଙ୍କୁ ମଧ୍ୟ ଘରୋଇ ମେଡିକାଲ ପଳାଇବାକୁ କୁହାଯାଉଥିବା ଧୀରେନ ପ୍ରକାଶ କରିଛନ୍ତି। ଏ ଦିଗରେ ଦୃଷ୍ଟି ଦେଇ ତାଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇଦେବାକୁ ରୋଗୀଙ୍କ ସମ୍ପର୍କୀୟ ସିଡିଏମ୍‌ଓଙ୍କଠାରେ ଦାବି କରିଛନ୍ତି। ଏ ସମ୍ପର୍କରେ ଧୀରେନଙ୍କୁ ଚିକିତ୍ସା କରିଥିବା ଡାକ୍ତର କହିଛନ୍ତି, ଛୁଟିରେ ଅଛି। କାହାରିକୁ ଘରୋଇ ମେଡିକାଲ ଯିବାକୁ କହିନାହାନ୍ତି। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଅମରେନ୍ଦ୍ରନାଥ ମହାନ୍ତିଙ୍କ ଫୋନ ନଂ. ୯୪୩୯୯୮୧୩୩୧ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ନ ଉଠାଇବାରୁ ମତାମତ ମିଳିପାରିନାହିଁ।



ରୋଗୀଙ୍କ ଭଙ୍ଗା ଗୋଡରେ କାଠ ଫାଳିଆ ବନ୍ଧା ହୋଇଛି।

## ଭାଜପା ମଣ୍ଡଳ ସଭାପତିଙ୍କ ବୈଠକ

ତାଳଚେର,୨୩।୨(ନି.ପ୍ର.)

ଗୃହମନ୍ତ୍ରୀ ଅମିତ ଶାହା ଆସନ୍ତା ୨୮ ତାରିଖରେ ଓଡ଼ିଶା ଆସୁଥିବାରୁ ଏହାକୁ ନେଇ ତାଳଚେର ଭାଜପା ଚଳଚଞ୍ଚଳ ହୋଇପଡ଼ିଛି। ଭାଜପା ରାଜ୍ୟ ସମ୍ପାଦକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ସମସ୍ତ ୬ଟି ଯାକ ମଣ୍ଡଳର ବୁଥ୍ ସଭାପତିମାନଙ୍କ ବୈଠକ କରାଯାଇ ପରବର୍ତ୍ତୀ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏହି ପରିପ୍ରେକ୍ଷୀରେ ରେଳମଣ୍ଡଳ ପକ୍ଷରୁ ଆୟୋଜିତ ଏକ ବୈଠକରେ ମଣ୍ଡଳ ସଭାପତି ବରୁଣ ସାହୁ ଅଧ୍ୟକ୍ଷତା କରିଥିଲେ। ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ନେତା କାଳନ୍ଦୀ ପ୍ରଧାନ, ମିଡିଆ ସେଲ ସଂଯୋଜକ ପର୍ଶୁରାମ ବାରିକ, ବରିଷ୍ଠ ନେତା ଦୁଃଖବନ୍ଧୁ ପଟ୍ଟନାୟକ, ଜିଲା ପରିଷଦ ସଦସ୍ୟା ମଞ୍ଜୁ ବେହେରା, ସମିତି ସଦସ୍ୟା ସରୋଜିନୀ ବେହେରା, ମଣ୍ଡଳ ସାଧାରଣ ସମ୍ପାଦକ ସହଦେବ ସାହୁ, ରତନ ବାରିକ, ବହୁ ସରପଞ୍ଚ, ସମିତି ସଭ୍ୟ, ବୁଥ୍ ପ୍ରମୁଖ ଯୋଗ ଦେଇଥିଲେ। ପରବର୍ତ୍ତୀ ସମୟରେ ଅନ୍ୟାନ୍ୟ ବୁଥ୍‌ରେ ମଧ୍ୟ ବୈଠକ ଆୟୋଜନ କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। ୨୮ରେ ଅଧିକରୁ ଅଧିକ ଭାଜପା କର୍ମୀ ଯେଭଳି ଭୁବନେଶ୍ୱରରେ ପହଞ୍ଚିବେ ସେଥିପାଇଁ ପ୍ରସ୍ତୁତି ଚାଲିଛି ବୋଲି ମିଡିଆସେଲ ପକ୍ଷରୁ କୁହାଯାଇଛି।

# ନବୋଦୟ ଛାତ୍ରୀଛାତ୍ରଙ୍କ କୃତିତ୍ୱ





ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଛି।

ବନ୍ତଲା,୨୩।୨(ଡି.ଏନ୍.ଏ.)

ଅନୁଗୋଳ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ଛାତ୍ରୀଛାତ୍ରମାନେ ଚଳିତ ଶିକ୍ଷାବର୍ଷରେ ଭିନ୍ନଭିନ୍ନ ସଂସ୍ଥା ଦ୍ୱାରା ଆୟୋଜିତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। କଞ୍ଜୁମର ଇଣ୍ଡିଆ ପକ୍ଷରୁ ଆୟୋଜିତ ଜାତୀୟସ୍ତରର ଚିତ୍ରାଙ୍କନ ପ୍ରତିଯୋଗିତାରେ ଛାତ୍ର ଜିଭିତେଷ କଲ୍ୟାଣ ସ୍ୱର୍ଣ୍ଣପଦକ, ପୂରବୀ ବାରିକ ରୌପ୍ୟ, ରାହୁଲ ତିଉ କାଂସ୍ୟ ପଦକ ଓ ପୁଣ୍ୟତୋୟା ପ୍ରିୟଦର୍ଶିନୀ ସାନ୍ତ୍ୱନାମୂଳକ ପୁରସ୍କାର ହାସଲ କରିଛନ୍ତି। ସେହିଭଳି ଏକ ସାମାଜିକ କର୍ମୀ ସଂସ୍ଥା 'ଦକ୍ଷଣା' ଦ୍ୱାରା ଆୟୋଜିତ ସର୍ବଭାରତୀୟ ପ୍ରବେଶିକା ପରୀକ୍ଷାରେ ବିଦ୍ୟାଳୟର ଦ୍ୱାଦଶ ଶ୍ରେଣୀର ଛାତ୍ର ରୋଶନ ନାଥ ଓ ଦଶମ ଶ୍ରେଣୀର ଛାତ୍ର ହିମାଂଶୁ ସାହୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ଏନ୍‌ସିଇଆର୍‌ଟି ଦ୍ୱାରା ଆୟୋଜିତ ସର୍ବଭାରତୀୟ ସ୍ତରୀୟ ଜାତୀୟ ମେଧା ଅନ୍ୱେଷଣ ପରୀକ୍ଷା ୨୦୨୦ (ଏନ୍‌ଟିଏସ୍‌ଇ ୨୦୨୦)ର ଦ୍ୱିତୀୟ ପର୍ଯ୍ୟାୟ ପାଇଁ ଦୁଇ ଛାତ୍ର ପ୍ରଭୁପାଦ ସୀମିନାକିଆ ଓ ନିଲେଶ କୁମାର ବେହେରା ଯୋଗ୍ୟ ବିବେଚିତ ହୋଇଛନ୍ତି। କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯିବା ସହ ବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ରପ୍ରସାଦ ସାହୁ ଅନ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଏହା ଏକ ପ୍ରେରଣାର ଉତ୍ସ ହେବ ବୋଲି କହିଛନ୍ତି।

# ଟୁଲ୍‌କିଟ୍ ବିତରଣ ଶିବିର

ଅନୁଗୋଳ ଅଫିସ, ୨୩।୨

ଅନୁଗୋଳ ସାମାଜିକ କର୍ମୀ ସଙ୍ଗଠନ ଅନୁଗୋଳ ଡୋଭ୍ ଓ ବିକାଶ ଆୟୁକ୍ତ (ହସ୍ତଶିଳ୍ପ), ବସ୍ତ୍ର ମନ୍ତ୍ରଣାଳୟ ଭାରତ ସରକାରଙ୍କ ସହାୟତାରେ ଜିଲା ଶିଳ୍ପକେନ୍ଦ୍ର ପରିସରରେ ଏକ ଟୁଲ୍‌କିଟ୍ ବିତରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସମ୍ବଲପୁର ହସ୍ତଶିଳ୍ପ ସେବା କେନ୍ଦ୍ରର ସହ ନିର୍ଦ୍ଦେଶକ ଅଶୋକ କୁମାର ହୋତା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟଅତିଥି କହିଥିଲେ ଯେ, ହସ୍ତଶିଳ୍ପର ବିକାଶ ଦ୍ୱାରା ବିକାଶ ସମ୍ଭବ। ହସ୍ତଶିଳ୍ପୀଙ୍କ ବିକାଶ ପାଇଁ ସରକାରଙ୍କ ପକ୍ଷରୁ ଦିଆଯାଉଥିବା ସମସ୍ତ ସୁବିଧା ସୁଯୋଗ ସମ୍ପର୍କରେ ସେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିଳ୍ପକେନ୍ଦ୍ରର ସହ ପ୍ରବନ୍ଧକ ଶିବାଶିଷ କାନୁନ୍‌ଗୋ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅନୁଗୋଳ ଡୋଭର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଗଡ଼ନାୟକ ମଞ୍ଚାସୀନ ଥିଲେ। ଶିବିରରେ ଆଠମଲିକ ଓ କିଶୋରନଗର ବ୍ଲକର ୩୦ ଜଣ ବାଉଁଶ ଶିଳ୍ପୀଙ୍କୁ ଉନ୍ନତମାନର ଟୁଲ୍‌କିଟ୍ ବିତରଣ କରାଯାଇଥିଲା। ଏହି କିଟ୍ ମାଧ୍ୟମରେ ହସ୍ତଶିଳ୍ପୀମାନେ ଅଭିବୃଦ୍ଧି କରିବା ସହ ହସ୍ତଶିଳ୍ପ କ୍ଷେତ୍ରରେ ବିପୁଳ କର୍ମ ନିୟୋଜନ ସୃଷ୍ଟି କରିପାରିବେ। ଏହି କାର୍ଯ୍ୟକ୍ରମକୁ ପୁଞ୍ଜି ପରିଚାଳକ ବିନୟ କୁମାର ସାମଲ, ସାମାଜିକ କର୍ମୀ ରୋହିତ ସାମଲ, ସଂଗ୍ରାମ କେଶରୀ ନାୟକ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଡୋଭ୍ ସମ୍ପାଦକ ଅନିଲ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।





ଶିବିରରେ ଉପସ୍ଥିତ ଅତିଥି ଓ ଆୟୋଜକ ସଙ୍ଗଠନର କର୍ମକର୍ତ୍ତା।

## ମାର୍ଚ୍ଚ ୨୨ରେ ଏଡିସିସି ନିର୍ବାଚନ

ଅନୁଗୋଳ ଅଫିସ, ୨୩।୨

ଅନୁଗୋଳ ଜିଲା କ୍ରିକେଟ ଆସୋସିଏଶନ୍ (ଏଡିସିସି)ର ଜେନେରାଲ ବଡି ବୈଠକ ରବିବାର କୋଦମ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଡିସିସିର ୨୮ ଜଣ ସଦସ୍ୟ ଯୋଗ ଦେଇଥିଲେ। ଆସନ୍ତା ମାର୍ଚ୍ଚ ୨୨ ତାରିଖରେ ନିର୍ବାଚନ ମାଧ୍ୟମରେ ସଂଘର କର୍ମକର୍ତ୍ତା ବଛାଯିବେ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ହୋଇଛି। ସେହିପରି ସଂଘର ଆର୍ଥିକ କାରବାର ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା। ନୂଆ ସଦସ୍ୟ ଭାବେ ପାଲଲହଡ଼ା ଓ ଆଠମଲ୍ଲିକକୁ ଏଡିସିସି ଗ୍ରହଣ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଅନୁଗୋଳ ଉପଖଣ୍ଡ କ୍ରିକେଟ୍ ସଂଘର ବିଚର ନିର୍ବାଚନ ପରେ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଛି। ୨୦୧୬ରେ ଶେଷ ଥର ପାଇଁ ନିର୍ବାଚନ କରାଯାଇ କର୍ମକର୍ତ୍ତା ବଛାଯାଇଥିଲା। ସଦସ୍ୟଙ୍କ କାର୍ଯ୍ୟକାଳ ୨୦୧୮ ଅକ୍ଟୋବର ମାସରୁ ଶେଷ ହୋଇଥିବାବେଳେ ଅଦ୍ୟାବଧି ନିର୍ବାଚନ ହୋଇ ନ ଥିଲା।

# ବ୍ରିଜ୍ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅନୁଗୋଳ ଅଫିସ, ୨୩।୨

ଏଚ୍‌ପିସିଏଲ୍ ଓ ଅନୁଗୋଳ ଜିଲା ବ୍ରିଜ ଆସୋସିଏଶନ ଦ୍ୱାରା ଚାଲିଥିବା ଅଲ ଓଡ଼ିଶା ପ୍ରସନ୍ନ କୁମାର ଜେନା ମେମୋରିଆଲ ବ୍ରିଜ୍ ଟୁର୍ନାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ରବିବାର ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶା ରାଜ୍ୟ ଆଇନଜୀବୀ ଆସୋସିଏଶନ ଉପସଭାପତି ଭୂପେଶ ଚନ୍ଦ୍ର ପ୍ରଧାନ, ଓଡ଼ିଶା ବ୍ରିଜ୍ ଆସୋସିଏଶନ ସମ୍ପାଦକ ତାପସ ପାଲ, ଜିଲା ଭାଜପା ସଭାପତି ଦିଲେଶ୍ୱର ପ୍ରଧାନ, ଜିଲା ବ୍ରିଜ୍ ଆସୋସିଏଶନ ସଭାପତି ଜୟପ୍ରକାଶ ପଟ୍ଟନାୟକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମନୋରଞ୍ଜନ ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଭେଟେରାନ୍ ବ୍ରିଜ୍ ଖେଳାଳି ଦେବରାଜ ସାହୁ ଓ ଦୀନବନ୍ଧୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଦଳଗତ ବିଭାଗରେ ତାଳଚେରର ଜୟ ଜଗନ୍ନାଥ କ୍ଲବ ପ୍ରଥମ ସ୍ଥାନରେ ରହିଥିବାବେଳେ ଅନୁଗୋଳର ନାଲ୍‌କୋ ଦ୍ୱିତୀୟ, ଭୁବନେଶ୍ୱର ଦଳ ତୃତୀୟ, ଭୁବନେଶ୍ୱରର ଓଏସ୍‌ଆର୍‌ସି ପ୍ରକାଶ ଚତୁର୍ଥ ଓ ଅନୁଗୋଳ ଜିଲା ବ୍ରିଜ୍ ଆସୋସିଏଶନ୍ ପଞ୍ଚମ ସ୍ଥାନରେ ରହିଥିଲା। ଦୁଇ ଜଣିଆ ପ୍ରଦର୍ଶନରେ ଏସ୍.କେ. ଦାସ ଓ ପି.କେ. ସାମନ୍ତ ପ୍ରଥମ ସ୍ଥାନରେ ଥିବାବେଳେ ବି.ଏସ୍. ପ୍ରଧାନ ଓ ଆର୍.ସି. ନାୟକ ଦ୍ୱିତୀୟ, ପି.କେ. ମିଶ୍ର ଓ ଏ.କେ. ବଳିୟାର୍ ସିଂହ ତୃତୀୟ ସ୍ଥାନରେ ରହିଥିଲେ। ଅନୁଗୋଳ ବ୍ରିଜ୍ ଆସୋସିଏଶନ୍ ସଦସ୍ୟ ଏସ୍.କେ. ମିଶ୍ର, ବୀରବର ପ୍ରଧାନ, ଗୋକୁଳାନନ୍ଦ ପ୍ରଧାନ, ବାବୁଲି ବଳିୟାର୍, ଆଲୋକ ରଞ୍ଜନ ପ୍ରଧାନ, ନିହାର ରଞ୍ଜନ ପ୍ରଧାନ ଓ ଅଂଶୁମାନ ନାୟକ ପ୍ରମୁଖ ସହଯୋଗ କରିଥିଲେ।





ଉଦ୍‌ଯାପନୀ ଉତ୍ସବରେ ଅତିଥିମାନେ।

# ବିଧିବଦ୍ଧ ଶିକ୍ଷା, ସଚେତନତା କାର୍ଯ୍ୟକ୍ରମ

ଅନୁଗୋଳ ଅଫିସ, ୨୩।୨

ଅନୁଗୋଳ ଜିଲାର ମା' ହିଙ୍ଗୁଳା ଫୁଟବଲ ୱେଲଫେୟାର ଆସୋସିଏଶନ୍ କ୍ଲବ ଏବଂ ନେହେରୁ ଯୁବ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ବିଷୟବସ୍ତୁ ଆଧାରିତ ବିଧିବଦ୍ଧ ଶିକ୍ଷା ଓ ନିୟମିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କ୍ଲବ ସଦସ୍ୟମାନଙ୍କ ସହ ଜୀବନ ଜ୍ୟୋତି ବାଳାଶ୍ରମର ବାଳିକା ଓ ବାଳକମାନେ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ଗଗନ ଚନ୍ଦ୍ର ଅମାନ୍ତ, ଜିଲା ଶିକ୍ଷା ପରିଚାଳକ ଅନିଲ କୁମାର ମହାନ୍ତି, ଜିଲା କୃଷି ବିଭାଗର ସର୍ବେଶ୍ୱର ସାହୁ, ନବଜୀବନର ପରିଚାଳିକା ସନ୍ଧ୍ୟାରାଣୀଙ୍କ ସହ କ୍ଲବ ସଭାପତି ବେଣୁଧର ଦାସ, ଉପସଭାପତି ଅରୁଣ କୁମାର, ରଞ୍ଜନ କୁମାର ପ୍ରମୁଖ ଉପସ୍ଥିତ ରହି ବିଧିବଦ୍ଧ ଶିକ୍ଷାର ପ୍ରସାର ପ୍ରଚାର ସମସ୍ତଙ୍କ ଅଧିକାର ଓ ତାହାକୁ ଠିକ୍ ଭାବେ କାର୍ଯ୍ୟକାରୀ କରିବାକୁ ଆଲୋଚନା କରିଥିଲେ। ନେହେରୁ ଯୁବ ସଂସ୍ଥାର ଜିଲା ଯୁବ ଅଫିସର ପ୍ରଦୀପ କୁମାର ଯୋଗଦାନ କରି କାର୍ଯ୍ୟକ୍ରମକୁ ସ୍ୱାଗତ ଜଣାଇବା ସହ ସମସ୍ତଙ୍କୁ ଶିକ୍ଷା, ସ୍ୱାସ୍ଥ୍ୟ ଓ ନିଜର ଭୌତିକ ବିକାଶ କିପରି କରିପାରିବେ ସେ ବିଷୟରେ ବକ୍ତବ୍ୟ ରଖିଥିଲେ। ଜିଲା ନେହେରୁ ସଂସ୍ଥା ସଙ୍ଗଠନର ତପନ କୁମାର ସାମଲ ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ।





କାର୍ଯ୍ୟକ୍ରମରେ ଅତିଥିଙ୍କ ସହ କ୍ଲବ ଓ ଯୁବକେନ୍ଦ୍ରର କର୍ମକର୍ତ୍ତାମାନେ।

# ବଅଁରପାଳ ଡେୟାର ଡେଭିଲ ଚାମ୍ପିୟନ





ଟ୍ରଫି ସହ ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳର ଖେଳାଳିମାନେ।

ଅନୁଗୋଳ ଅଫିସ, ୨୩।୨

ଫେବୃୟାରୀ ୨୨ରୁ ଚାଲିଥିବା ଦ୍ୱିତୀୟ ଅନୁଗୋଳ ହେଲଥ ପ୍ରିମିୟର ଲିଗ୍‌ର ରବିବାର ଫାଇନାଲ୍ ମ୍ୟାଚରେ ମା' ରାମଚଣ୍ଡୀ ଫାଇଟର୍ସ କୋଶଳାକୁ ହରାଇ ବଅଁରପାଳ ଡେୟାର ଡେଭିଲ ଚାମ୍ପିୟନ ହୋଇଛି। ପ୍ରଥମେ ବଅଁରପାଳ ଡେୟାର ଡେଭିଲ ବ୍ୟାଟିଂ କରି ୪ ଉଇକେଟ ହରାଇ ୧୩୫ ରନ ସ୍କୋର କରିଥିବାବେଳେ ମା' ରାମଚଣ୍ଡୀ ଫାଇଟର୍ସ କୋଶଳା ୧୩୧ ରନ କରି ପରାଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଲା କାର୍ଯ୍ୟକ୍ରମ ପରିଚାଳକ ବିଶ୍ୱରଞ୍ଜନ ରଥ, ଡ. ଧୀରେନ କୁମାର ପ୍ରଧାନ, ଡ. ଶଙ୍କର୍ଷଣ ଗାହାଁଣ, ମୁଖ୍ୟ ଚିକିତ୍ସାଳୟର ବରିଷ୍ଠ ଅମଲା ଜ୍ୟୋତିରଞ୍ଜନ ପଟ୍ଟନାୟକ, ଗଜପତି ଜିଲା ଆଶା ପରିଚାଳକ ନାରାୟଣ ମଲ୍ଲିକ, ଡ.ମାନସ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଏହି ମ୍ୟାଚକୁ ଏମ୍.ଡି. ଗାଲିମ, ଯୋଗେଶ ପ୍ରଧାନ, ଦେବାଶିଷ ମିଶ୍ର ଓ ଅନିଲ କୁମାର ଧର ପରିଚାଳନା କରିଥିବାବେଳେ ସ୍କୋରର ଭାବେ ଅଜିତ କୁମାର ପ୍ରଧାନ, ଜ୍ଞାନରଞ୍ଜନ ସାହୁ, ଭାଷ୍ୟକାର ଭାବେ ପ୍ରଶାନ୍ତ ନାଥ ଏବଂ ପର୍ଶୁରାମ ପଣ୍ଡା ଦାୟିତ୍ୱ ତୁଲାଇ ଥିଲେ। ମ୍ୟାନ ଅଫ ଦି ସିରିଜ ଭାବେ କୌସ୍ତୁଭ କୁମାର ଷଡଙ୍ଗୀ ଓ ଶ୍ରେଷ୍ଠ ବୋଲର ଭାବେ ବିକାଶ ପଟ୍ଟନାୟକଙ୍କୁ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା।

# ମାତୃଭାଷା ଦିବସରେ ପ୍ରତିଯୋଗିତା

ଛେଣ୍ଡିପଦା,୨୩।୨(ସ୍ୱ.ପ୍ର.)

ଛେଣ୍ଡିପଦା ବ୍ଲକ୍ କୋଶଳା ସରସ୍ୱତୀ ଶିଶୁମନ୍ଦିର ପରିସରରେ ଅନ୍ତର୍ଜାତୀୟ ମାତୃଭାଷା ଦିବସ ପ୍ରଧାନ ଆଚାର୍ଯ୍ୟ ବିଦ୍ୟାଧର ଶତପଥୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କୋଶଳା ମହାବିଦ୍ୟାଳୟର ଓଡ଼ିଆ ପ୍ରାଧ୍ୟାପକ ଦିଲିପରାଜ ପ୍ରଧାନ ଯୋଗଦେଇ ଦିବସର ତାତ୍ପର୍ଯ୍ୟ ଉପରେ ଛାତ୍ରୀଛାତ୍ରଙ୍କୁ ବୁଝାଇଥିଲେ। ପରେ ଛାତ୍ରୀଛାତଙ୍କ ମଧ୍ୟରେ ସୁଲିଖନ, ଶ୍ରୁତିଲିଖନ, ଚିତ୍ରାଙ୍କନ, ବକ୍ତୃତା, ରଚନା ଆଦି ପ୍ରତିଯୋଗିତା କରାଯାଇ କୃତୀ ପିଲାଙ୍କୁ ପୁରସ୍କାର ବିତରଣ କରାଯାଇଥିଲା।



ମାତୃଭାଷା ଦିବସ ପାଳନ ଅବସରେ ଛାତ୍ରୀଛାତ୍ରମାନେ।

**ଧରିତ୍ରୀର ଢେଙ୍କାନାଳ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଢେଙ୍କାନାଳ ଅଫିସ- (୦୬୭୬୨)-୨୨୪୨୫୪, ଢେଙ୍କାନାଳ-୯୪୩୭୦୯୪୦୩୭, କାମାକ୍ଷାନଗର-୯୪୩୭୩୬୦୯୭୦, ଓଡ଼ାପଡ଼ା-୯୪୩୭୦୯୩୮୨୨, ହିନ୍ଦୋଳ-୭୮୯୪୪୬୨୯୦୫, ଭୁବନ-୭୮୯୪୪୬୨୯୦୭, ପରଜଙ୍ଗ-୯୯୩୭୮୬୪୨୯୧, ଭାପୁର-୯୯୩୭୦୭୯୭୭୦, ରାସୋଳ-୯୪୩୭୭୦୬୧୬୭, ସାତମାଇଲ-୯୯୩୭୭୫୧୪୨୮, ଅନୁଗୋଳ ଅଫିସ-(୦୬୭୬୪)-୨୩୭୫୫୬, ଅନୁଗୋଳ- ୯୮୫୩୮୪୯୧୨୩, ଅନୁଗୋଳ (ଫଟୋଗ୍ରାଫର)- ୯୮୬୧୨୨୦୬୫୫, ତାଳଚେର- ୦୪୩୭୨୯୨୪୬୮, କଣିହାଁ-୭୮୯୪୪୬୨୯୧୨, ବଅଁରପାଳ- ୭୮୯୪୪୬୨୯୧୬, ବନ୍ତଲା-୯୯୩୭୯୦୮୯୧୫, ଆଠମଲ୍ଲିକ- ୭୮୯୪୪୬୨୯୧୭, ମାଧପୁର-୯୯୩୭୬୪୪୫୫୨, ବଇଣ୍ଡା- ୭୮୯୪୪୬୨୯୧୮, ଛେଣ୍ଡିପଦା- ୯୯୩୭୯୮୦୭୦୩, ପାଲଲହଡା- ୭୮୯୪୪୬୨୯୨୧, ପବିତ୍ରନଗର- ୮୦୧୮୧୩୫୩୩୧।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. ORIORI/2005/14846 Postal Regd. No. BN/42/18-20. Edition Phone (06762) 224254, (06764) 237556 ଢେଙ୍କାନାଳ,ସୋମବାର, ଫେବୃୟାରୀ ୨୪/୨୦୨୦ Dhenkanal, Monday , February 24 / 2020

## ସଂକ୍ଷେପରେ

### ଟିପ୍ପର ଧକ୍କାରେ ଆଇସକ୍ରିମ ବିକାଳି ମୃତ

ପରଜଙ୍ଗ, ୨୩।୨(ଡି.ଏନ.ଏ.)- ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ବଡ଼କମର-ପଙ୍ଗାତିରା ପୂର୍ତ୍ତ ବିଭାଗ ରାସ୍ତାର କନ୍ତୋର ଗାଁ ନିକଟ ପୋଲ ଉପରେ ରବିବାର ସନ୍ଧ୍ୟାରେ ଏକ ଟିପ୍ପର ଧକ୍କାରେ ଜଣେ ଆଇସକ୍ରିମ ବିକାଳିଙ୍କ ମୃତ୍ୟୁ ଘଟିଛି। ମୃତକ ନୟାଗଡ଼ ଜିଲା ଖଣ୍ଡପଡ଼ା ଥାନା ଶିକରପୁର ଗ୍ରାମର ସନ୍ତୋଷ କୁମାର ସାହୁ (୩୦) ବୋଲି ଜଣାପଡିଛି। ସେ ସରାଙ୍ଗ ଚେକ୍ ଗେଟ ପାଖରେ ଆଇସକ୍ରିମ ଫ୍ୟାକ୍ଟ୍ରି ନିକଟରେ ଭଡା ଘରେ ରହି ଆଇସକ୍ରିମ ବିକ୍ରି କରୁଥିଲେ। ରବିବାର ସେ ବାଇକ୍(ଓଡ଼ି ୨୫ ଏଫ-୧୦୯୫)ରେ ଆମ୍ବପଳାସରୁ ସରାଙ୍ଗ ଫେରୁଥିବାବେଳେ ପଛରୁ ଆସୁଥିବା ଏକ ଟିପ୍ପର ତାଙ୍କୁ ଧକ୍କା ଦେଇ ପଳାଇଥିଲା। ଖବରପାଇ ଦମକଳ ବାହିନୀ ପହଞ୍ଚି ତାଙ୍କୁ ପରଜଙ୍ଗ ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରଜଙ୍ଗ ଥାନା ଅଧିକାରୀ ସନ୍ତୋଷ ପ୍ରଧାନ, ଏସ୍ଆଇ ସରୋଜ କୁମାର ସେଠୀ ମୃତଦେହ ଜବତ କରିବା ସହ ପରିବାର ଲୋକଙ୍କୁ ସୂଚନା ଦେଇଛନ୍ତି। ଟିପ୍ପର ସହ ଡ୍ରାଇଭର ଫେରାର ଥିବାବେଳେ ଖୁବଶୀଘ୍ର ତାଙ୍କୁ ଗିରଫ କରାଯିବ ବୋଲି ପୋଲିସ କହିଛି।

### ପାରିବାରିକ ଗଣ୍ଡଗୋଳ, ପୁଅ ଗିରଫ

କଣିହାଁ,୨୩।୨(ଡି.ଏନ.ଏ.)- କଣିହାଁ ଥାନା ପୋଲିସ ମା' ଓ ପୁଅ ମଧ୍ୟରେ ଗଣ୍ଡଗୋଳ ଘଟଣାକୁ ନେଇ ରବିବାର ପୁଅଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଥାନା ସୂତ୍ରରୁ ପ୍ରକାଶ, ହନୁମାନପୁର ଗ୍ରାମରେ ୬ ଘରକୁ ମୋଟର ଯୋଗେ ଜଳ ଯୋଗାଣ ବ୍ୟବସ୍ଥା ହୋଇଛି। ମା ସେବତୀ ବିଶ୍ୱାଳ ବିଦ୍ୟୁତ୍ ବିଲ ପୈଠ ନ କରିବାରୁ ଶନିବାର ପୁଅ ହର୍ଷ ବିଶ୍ୱାଳ ଗାଳି ଗୁଲଜ କରିବା ସହ ମୋଟର ଷ୍ଟାର୍ଟର ପଏଣ୍ଟ ଭାଙ୍ଗି ଦେଇଥିଲେ। ରବିବାର ସେବତୀଙ୍କ ଅଭିଯୋଗକ୍ରମେ ପୋଲିସ ନଂ. ୩୦/୨୦ରେ ମାମଲା ରୁଜୁ କରି ହର୍ଷଙ୍କୁ କୋର୍ଟଚାଲାଣ କରିଛି।

### ଘରବାଡ଼ି ବିବାଦ, ଜଣେ ଗିରଫ

କଣିହାଁ,୨୩।୨(ଡି.ଏନ.ଏ.)- କଣିହାଁ ବ୍ଲକ ହନୁମାନପୁର ଗ୍ରାମରେ ଘରବାଡ଼ି ବିବାଦକୁ ନେଇ ୨ ଭାଇ ସର୍ବେଶ୍ୱର ନାୟକ ଓ ଲକ୍ଷ୍ମଣ ନାୟକଙ୍କ ପରିବାର ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏ ନେଇ ସର୍ବେଶ୍ୱରଙ୍କ ସ୍ତ୍ରୀ କଣିହାଁ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ. ୨୮/୨୦ରେ ଏକ ମାମଲା ରୁଜୁ କରି ରବିବାର ଲକ୍ଷ୍ମଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ତଦନ୍ତ ଅଧିକାରୀ ପି.କେ ସିଂ ପ୍ରକାଶ କରିଛନ୍ତି।

### ୩ ଜୁଆଡି ଗିରଫ

ତାଳଚେର,୨୩।୨(ନି.ପ୍ର.)- ତାଳଚେର ବ୍ଲକ କଲିୟାରୀ ଥାନା ଦେଉଳବେଡା ଓଭରହେଡ ପାଣି ଟାଙ୍କି ନିକଟରେ ସ୍ଥାନୀୟ ପୋଲିସ ରବିବାର ସନ୍ଧ୍ୟାରେ ଚଢ଼ାଉ କରି ୩୫ଶହ ଟଙ୍କା ଓ ୩ଟି ବାଇକ୍ ଜବତ କରିଛି। ଏଥିସହ ଜୁଆ ଖେଳୁଥିବା ନାରାୟଣ ନାଏକ, ସୁଦର୍ଶନ ନାଏକ, ମହେଶ୍ୱର ସେଠୀଙ୍କୁ ପୋଲିସ ଗିରଫ କରିଛି। ଏ ସଂକ୍ରାନ୍ତରେ ଥାନାରେ ନଂ ୪୩/୨୦ରେ ଏକ ମାମଲା ରୁଜୁ କରାଯାଇଛି। ସୋମବାର ସେମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ପ୍ରକାଶ କରିଛି।

# ଗଣତନ୍ତ୍ରର ସୁରକ୍ଷା ପାଇଁ ଆହ୍ୱାନ

## ସମ୍ବିଧାନ ବଞ୍ଚାଅ, ଭାରତ ଯୋଡ ସମାବେଶ

ଢେଙ୍କାନାଳ ଅଫିସ,୨୩।୨

ଢେଙ୍କାନାଳ ବସଷ୍ଟାଣ୍ଡସ୍ଥିତ ଗାନ୍ଧୀପାର୍କଠାରେ ଶନିବାର ସମ୍ବିଧାନ ବଞ୍ଚାଅ ଓ ଭାରତ ଯୋଡ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ୱାଧୀନ ଭାରତର ପ୍ରଥମ ଶିକ୍ଷାମନ୍ତ୍ରୀ ମୌଲାନା ଅବୁଲ କାଲାମ ଆଜାଦ୍ ଓ କସ୍ତୁରବା ଗାନ୍ଧୀଙ୍କର ମହାପ୍ରୟାଣ ଦିବସ ଅବସରରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ତଳେ ଭାରତଯୋଡ ମଞ୍ଚ ପକ୍ଷରୁ ଏହି ଗଣ ସମାବେଶ ଅନୁଷ୍ଠିତ ହୋଇଥିଲା। ବିଶିଷ୍ଟ ସର୍ବୋଦୟ ନେତ୍ରୀ କୃଷ୍ଣା ମହାନ୍ତି, ବିଶିଷ୍ଟ କୃଷକ ନେତା ଲିଙ୍ଗରାଜ, ବାମପନ୍ଥୀ ବୁଦ୍ଧିଜୀବୀ ଏବଂ ସଙ୍ଗଠକ ସନ୍ତୋଷ ଦାସ, ଅଧ୍ୟାପକ କୁଳମଣି ଜେନା ପ୍ରମୁଖ ବିଶିଷ୍ଟ ଆଲୋଚକ ଭାବେ ଯୋଗଦେଇ ଭାରତବର୍ଷର ଧର୍ମ ନିରପେକ୍ଷ ସମନ୍ୱୟୀ ଗଣତନ୍ତ୍ରର ସୁରକ୍ଷା ପାଇଁ ଆହ୍ୱାନ ଦେଇଥିଲେ। ନାଗରିକତ୍ୱ ସଂଶୋଧନ ଆଇନ ଏବଂ ଜାତୀୟ ନାଗରିକ ପଞ୍ଜିକା ଆଦି ପ୍ରସଙ୍ଗକୁ ନେଇ ଦେଶର ବହୁ ଅଞ୍ଚଳରେ ଯେଉଁ ଆଶଙ୍କା ଓ କ୍ଷୋଭ ପ୍ରକାଶ ପାଉଛି, ତାହାର ପରିପ୍ରକାଶ ସମାବେଶର ମୁଖ୍ୟ ଆଲୋଚନାର ବିଷୟ ରହିଥିଲା। ଗାନ୍ଧୀ ଅଧ୍ୟୟନ କେନ୍ଦ୍ରର ସମ୍ପାଦକ ସମାଜବାଦୀ ନେତା ପ୍ରଶାନ୍ତ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ନାଗରିକ ପଞ୍ଜିକା ଓ ନାଗରିକ ସଂଶୋଧନ ଆଇନ ବର୍ତ୍ତମାନ ତୀବ୍ର ଅସନ୍ତୋଷର କାରଣ ହୋଇଛି ବୋଲି ମତପ୍ରକାଶ ପାଇଥିଲା। ଏହାକୁ ତୁରନ୍ତ ପ୍ରତ୍ୟାହାର କରାଯାଇ ନାଗରିକମାନଙ୍କ ମଧ୍ୟରେ ବିଶ୍ୱାସ ଓ ଶାନ୍ତି ଫେରାଇ ଆଣିବା ଗୁରୁତ୍ୱପୂର୍ଣ୍ଣ ହୋଇପଡିଛି ବୋଲି ଆଲୋଚକମାନେ କହିଥିଲେ। ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ, ଡା. ତୁଷାରକାନ୍ତି ନାୟକ, ଭରତ ଦାସ, ଅନ୍ତର୍ଯାମୀ ବରାଳ, ମଲେଖା ଖାତୁନ, ଜିଲା କଂଗ୍ରେସ ସଭାପତି ସୁରେଶ ପାଣିଗ୍ରାହୀ, ଜୁମା ମସଜିଦର ଇମାନ ମୌଲାନ ଅବୁର ହୁସେନ କାସୁମି, ନୁରୁଲ ଇସଲାମ, ସୁନୀଲ ଦାଶ, ମନୋରଞ୍ଜନ ପଟ୍ଟନାୟକ ଓ ସୁବାସିନୀ ମହାକୁଡ ପ୍ରମୁଖ ନିଜର ମତ ଉପସ୍ଥାପନ କରିଥିଲେ । ସମାଜବାଦୀ ନେତା ସରୋଜ କୁମାର ଶତପଥୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ମହମ୍ମଦ ଉସମାନ ଧନ୍ୟବାଦ ପ୍ରଦାନ କରିଥିଲେ।



ସମ୍ବିଧାନ ବଞ୍ଚାଅ ଓ ଭାରତ ଯୋଡ ସମାବେଶ।

# ୧୫ ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଜାରି

ଢେଙ୍କାନାଳ ଅଫିସ/କାମାକ୍ଷାନଗର,୨୩।୨

ଢେଙ୍କାନାଳ ଜିଲା କଙ୍କଡାହାଡ ବ୍ଲକ ବିରିବୋଲେଇ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ସମେତ ଜିଲାର ମୋଟ୍ ୧୫ଟି ପରୀକ୍ଷା କେନ୍ଦ୍ରରେ ସୋମବାରଠାରୁ ମାଟ୍ରିକ ପରୀକ୍ଷା ଶେଷହେବା ପର୍ଯ୍ୟନ୍ତ ୧୪୪ ଧାରା ଜାରି କରାଯାଇଛି। କପି ରୋକିବା ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତାବ କ୍ରମେ କାମାକ୍ଷାନଗର, ଢେଙ୍କାନାଳ ଓ ହିନ୍ଦୋଳ ଉପଜିଲାପାଳଙ୍କ ପକ୍ଷରୁ ଏହି ଧାରା ଜାରି କରାଯାଇଛି। ଫଳରେ ପରୀକ୍ଷା କେନ୍ଦ୍ରଗୁଡିକରେ ନାଲି ପତାକା ଲଗାଯିବା ସହିତ ପୋଲିସ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବ। ଏହି ପରୀକ୍ଷା କେନ୍ଦ୍ରଗୁଡିକ ହେଲା ହିନ୍ଦୋଳ ବ୍ଲକର ଦୁଦୁରକୋଟ ଓ ରାସୋଳ, ଢେଙ୍କାନାଳ ଉପଖଣ୍ଡର ରାଧାଦେଇପୁର ଓ ନୂଆଗଡ ବୋଲି ହିନ୍ଦୋଳ ଉପଜିଲାପାଳ ଉଦୟନାଥ ମହାପାତ୍ର ଓ ଢେଙ୍କାନାଳ ଉପଜିଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ ଜଣାଇଛନ୍ତି। ସେହିପରି କାମାକ୍ଷାନଗର ଉପଖଣ୍ଡର ୧୧ଟି ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଜାରି କରାଯାଇଛି ବୋଲି ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ ସୂଚନା ଦେଇଛନ୍ତି। କାମାକ୍ଷାନଗର ଉପଖଣ୍ଡର ଏହି କେନ୍ଦ୍ରଗୁଡିକ ହେଲା ସିଦ୍ଧେଶ୍ୱରୀ ବିଦ୍ୟାପୀଠ, କୁସୁମଯୋଡି ହାଇସ୍କୁଲ, ନିଗମାନନ୍ଦ ହାଇସ୍କୁଲ, ମୂଷା ମଲିକ ହାଇସ୍କୁଲ, ଜନପ୍ରଭା ହାଇସ୍କୁଲ, ମଠକରଗୋଳା ହାଇସ୍କୁଲ, ନୂଆ ଭୁବନ ହାଇସ୍କୁଲ, କଙ୍କଡାହାସୋଡା ହାଇସ୍କୁଲ, ରୋଡ ହାଇସ୍କୁଲ ଓ ରଘୁନାଥଜୀଉ ହାଇସ୍କୁଲ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷା ଅଧିକାରୀ ନିବେଦିତା ପାଣି କୁହନ୍ତି ଯେ, କଙ୍କଡାହାଡ ବ୍ଲକ ବିରିବୋଲେଇ ହାଇସ୍କୁଲ ପରୀକ୍ଷା କେନ୍ଦ୍ରରେ ସୋମବାରଠାରୁ ୧୪୪ ଧାରା ଲାଗୁ ହେବ। କାମାକ୍ଷାନଗର ଉପଖଣ୍ଡରେ ୧୧ଟି ପରୀକ୍ଷା କେନ୍ଦ୍ରରେ ୧୪୪ ଧାରା ଲାଗୁ ପାଇଁ ଉପଜିଲାପାଳଙ୍କୁ ଜଣାଯାଇଛି। ଏ ସମ୍ପର୍କରେ କାମାକ୍ଷାନଗର ଉପଜିଲାପାଳ ବିଷ୍ଣୁପ୍ରସାଦ ଆଚାର୍ଯ୍ୟ କୁହନ୍ତି, କପିଳାସ ଜାଗରଯାତ୍ରା ପାଇଁ ପୋଲିସ ଫୋର୍ସ ସେଠାରେ ନିୟୋଜିତ ଥିବାରୁ ୧୪୪ଧାରା ଲାଗୁ କରିବା ପାଇଁ ଘୋଷଣା ହୋଇପାରି ନ ଥିଲା । ବର୍ତ୍ତମାନ କାମାକ୍ଷାନଗର ଏସ୍‌ଡିପିଓଙ୍କୁ ଏ ସମ୍ପର୍କରେ ଘୋଷଣା କରିବା ପାଇଁ ଜଣାଇ ଦିଆଯାଇଛି ।

# କପିଳାସରୁ ୬ ସାପ ଉଦ୍ଧାର



ସାପ ଉଦ୍ଧାରକାରୀ ଦଳର ସଦସ୍ୟମାନେ।

ଢେଙ୍କାନାଳ ଅଫିସ,୨୩।୨

ଶୈବପୀଠ କପିଳାସରୁ ଜାଗର ଅବସରରେ ଆୱାର୍ଡ ପରିବାରର ବନ୍ୟଜୀବ ଓ ସାପ ଉଦ୍ଧାରକାରୀ ଦଳ ପକ୍ଷରୁ ୬ଟି ସାପ ଉଦ୍ଧାର କରାଯାଇଛି। ରାମଦାସ ମଠ ମଧ୍ୟରୁ ଏକ ନାଗ, ଗୋଶାଳା ପାଣିକୁଣ୍ଡ ଓ ୧୦ନମ୍ବର ବାଙ୍କରୁ ୩ଟି ବାଉଁଶ ନଟିଆ ବୋଡା ଏବଂ ନାରାୟଣ ମନ୍ଦିର ନିକଟରୁ ୨ଟି କାଉଡିଆ ସାପ ଉଦ୍ଧାର କରାଯାଇ ଅଭୟାରଣ୍ୟ ମଧ୍ୟରେ ଛଡାଯାଇଛି। ସାପ ଉଦ୍ଧାରକାରୀ ଦଳର ବରିଷ୍ଠ ସଦସ୍ୟ ସୌମ୍ୟଜିତ ରଥ, ସୁଜିତ୍ କୁମାର ନନ୍ଦ, ଦେବରାଜ ମହାପାତ୍ର, ବିପିନ ବିହାରୀ ନାୟକ, ରମାକାନ୍ତ ସାହୁ, ଦୀପକ କୁମାର ନାୟକ, ରାଜେଶ କୁମାର ନାୟକ, ସ୍ୱରୂପ ଷେଣ୍ଢେ, ଶାନ୍ତନୁ ନାୟକ, ପ୍ରମିତ୍ କୁମାର ଜେନା, ଜନ କୁମାର ମଲ୍ଲ, ଶିଶିର କୁମାର ସାହୁ, ପରେଶ ପଣ୍ଡା, ସୌମ୍ୟରଞ୍ଜନ ଦାସ, ଦୀପକ କୁମାର ସିଂ, ଅକ୍ଷୟ କୁମାର ନାୟକ, ମନୋଜ ନାୟକ ପ୍ରମୁଖ ସାମିଲ ଥିଲେ ବୋଲି ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ପାଣିଗ୍ରାହୀ ସୂଚନା ଦେଇଛନ୍ତି।

# ହରପାର୍ବତୀ କ୍ରିକେଟ: ନୂଆପାଟଣା ବିଜୟୀ

ଢେଙ୍କାନାଳ ଅଫିସ,୨୩।୨

ଢେଙ୍କାନାଳ ସଦର ବ୍ଲକ କଙ୍କଡାହାଡ ଗ୍ରାମରେ ୧୬ତମ ବାର୍ଷିକ ହରପାର୍ବତୀ କ୍ରିକେଟ ପ୍ରତିଯୋଗିତା ରବିବାର ଉଦଘାଟିତ ହୋଇଯାଇଛି। ଉଦଘାଟନୀ ମ୍ୟାଚ ଅଙ୍କରାନ୍ତିପୁର କ୍ରିକେଟ କ୍ଲବ ଓ ନୂଆପାଟଣା ଡିଗିରିଆ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଟସ୍ ଜିତି ଅଙ୍କରାନ୍ତିପୁର କ୍ରିକେଟ କ୍ଲବ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୪୭ ରନ କରିଥିଲା। ଜବାବରେ ନୂଆପାଟଣା ୧୫୧ ରନ କରି ବିଜୟୀ ହୋଇଥିଲା। ନୂଆପାଟଣା କ୍ରିକେଟ କ୍ଲବ ପକ୍ଷରୁ ଅନିଲ କୁମାର ୪୦ ରନ କରିବା ସହ ୬ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ଘୋଷିତ ହୋଇଥିଲେ। କଙ୍କଡାହାଡ ଗ୍ରାମ ସଭାପତି ଦେବରାଜ ବେହେରା ମୁଖ୍ୟଅତିଥି, କମିଟିର ସଦସ୍ୟ ଶରତଚନ୍ଦ୍ର ମହାପାତ୍ର ଓ ଅଭିମନ୍ୟୁ ରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାମକ୍ଷା ପ୍ରସାଦ ରଣା ଓ ପ୍ରମୋଦ କୁମାର ମହାନ୍ତି ଖେଳ ପରିଚାଳନା କରିଥିଲେ। ସୋମବାର ଦ୍ୱିତୀୟ ଦିବସରେ ସଦାଶିବପୁର କ୍ରିକେଟ କ୍ଲବ ଢେଙ୍କାନାଳ ଓ ମାଣିଆବନ୍ଧ କଟକ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହେବ ।



ଉଦ୍‌ଘାଟନୀ ମ୍ୟାଚରେ ଅତିଥିଙ୍କ ଗହଣରେ ଖେଳାଳିମାନେ।

# ଭୋଟହାର ବୃଦ୍ଧି ଉପରେ ଗୁରୁତ୍ୱ



ବୈଠକରେ ଯୋଗ ଦେଇଥିବା ବିଜେଡି କର୍ମକର୍ତ୍ତାମାନେ।

ପରଜଙ୍ଗ, ୨୩।୨(ଡି.ଏନ.ଏ)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଗଡ଼ପଳାଶୁଣି ପଞ୍ଚାୟତର ୧୬ ଟି ୱାର୍ଡର ବିଜେଡି କର୍ମୀମାନଙ୍କୁ ନେଇ ଗଡ଼ପଳାଶୁଣି ଗ୍ରାମର ପାଟିଆ ସାହି ନିକଟସ୍ଥ ଏକ ତୋଟାରେ ପଞ୍ଚାୟତସ୍ତରୀୟ ସାଙ୍ଗଠନିକ ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତ ଯୁବ ବିଜେଡି ସଭାପତି ସୁନୀଲ କୁମାର ଜେନାଙ୍କ ଆହ୍ୱାନ କ୍ରମେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷ କାର୍ତ୍ତିକ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି କାମ କରିବାକୁ କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ପଞ୍ଚାୟତସ୍ତରରେ କିପରି ଭୋଟ ହାର ବୃଦ୍ଧି ପାଇବ ସେ ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା। ବ୍ଲକ ଅଧ୍ୟକ୍ଷ ଉପସ୍ଥିତ କର୍ମୀମାନଙ୍କ ସହିତ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଯୁବ ନେତା ପ୍ରଦୀପ କୁମାର ସେଠ୍, ସରପଞ୍ଚଙ୍କ ପ୍ରତିନିଧି ଅଜୟ କୁମାର ସିଂ, ନାଏବ ସରପଞ୍ଚ ବିନୟ କୁମାର ନାଏକଙ୍କ ସମେତ ୨ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ଯୋଗ ଦେଇଥିଲେ।

# ୫-ଟି ସଚିବଙ୍କୁ ଦାବିପତ୍ର ପ୍ରଦାନ ନିଷ୍ପତ୍ତି

## କାର୍ଯ୍ୟକ୍ଷମ ହେଉନି ମାନଜୋର ପ୍ରକଳ୍ପ



ସମ୍ମିଳନୀରେ ଯୋଗ ଦେଇଥିବା କୃଷକମାନେ।

ମାଧପୁର, ୨୩।୨

ଚାଷୀଙ୍କ ସୁବିଧା ପାଇଁ ଦୀର୍ଘବର୍ଷ ତଳେ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକରେ ଶୁଭ ଦିଆଯାଇଥିବା ମାନଜୋର ଜଳସେଚନ ପ୍ରକଳ୍ପ ପୂର୍ଣ୍ଣ କାର୍ଯ୍ୟକ୍ଷମ ନ ହେବାକୁ ନେଇ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଓଡିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖାର ମୁଖ୍ୟ ସଂଯୋଜକ ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନଙ୍କ ଆବାହକତ୍ୱରେ ମାନଜୋର ସେଚ ପ୍ରକଳ୍ପ ବଙ୍ଗଳାଠାରେ ଏକ କୃଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଶ୍ରମିକ ନେତା ବିନୋଦ ପ୍ରଧାନ, କୃଷକ ନେତା ବିଜୟ ଷଡଙ୍ଗୀ, ପୀତାମ୍ବର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି କୃଷକମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ଆଗାମୀ ୨୮ ତାରିଖରେ କୃଷକମାନଙ୍କ ଏହି ସମସ୍ୟା ନେଇ ୫-ଟି ସଚିବଙ୍କୁ ଦାବିପତ୍ର ଦିଆଯିବ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ଏହି ବୈଠକରେ ଅମର ପ୍ରଧାନ, ପ୍ରଦୀପ ଚାଉଳିଆ, ହୃଦାନନ୍ଦ ପ୍ରଧାନ, ଜୁବୁଲି ପ୍ରଧାନ, ଏକାଦଶୀ ମହାଖୁଡ଼ ଏବଂ ଆଖପାଖ ଅଞ୍ଚଳର ପ୍ରାୟ ୯ଟି ପଞ୍ଚାୟତର ଶତାଧିକ କୃଷକ ଏବଂ କୃଷକ ନେତା ଉପସ୍ଥିତ ଥିଲେ। ସଂଘର ସମ୍ପାଦକ ଜ୍ୟୋତିନ୍ଦ୍ର ପ୍ରଧାନ ଧନ୍ୟବାଦ ଦେଇଥିଲେ।




Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Published at Kunjakanta, Dhenkanal, Editor- Tathagata Satpathy, ସମ୍ପାଦକ– ତଥାଗତ ସତପଥୀ